ODIA DAILY EDITION
03.12.2025
କଟକ, ବୁଧବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଡିସେମ୍ବର-୦୩, ୨୦୨୫
ବର୍ଷ-୩୭, ସଂଖ୍ୟା-୧୪୫
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
36 Years of publication SINCE 1989
Epaper- www.matrubhasa.com matrubhasanews@gmail.com matrubhasanews@yahoo.co.in facebook.com/matrubhasanews

## ପିଏମଓ ପରିସରର ନାଁ ବଦଳି ହେଲା ସେବାତୀର୍ଥ

**ନୂଆଦିଲ୍ଲୀ, ୨।୧୨:** ପିଏମଓ ପରିସରର ନାଁ ବଦଳାଯାଇଛି, ନୂଆ ନାଁ ରଖାଯାଇଛି, ଯାହା ହେଉଛି ସେବା ତୀର୍ଥ । ସେବାତୀର୍ଥର ନାଁରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ନାମିତ କରାଯାଇଛି । କୁହାଯାଉଛି ନାମ ପରିବର୍ତ୍ତନ ସହ ବିଚାର ମଧ୍ୟ ପରିବର୍ତ୍ତନ ହୋଇଛି । ପରିବର୍ତ୍ତିତ ନାମରେ ରହିଛି ଜନକଲ୍ୟାଣ ବାର୍ତ୍ତା । ଏହାସହ କେନ୍ଦ୍ର ସଚିବାଳୟ ନାମକୁ ପରିବର୍ତ୍ତନ କରାଯାଇ କର୍ତ୍ତବ୍ୟ ଭବନ କରାଯାଇଛି ।

## ଅଧା ରହିଲା ଜଗା ଦର୍ଶନ, ଦୁର୍ଘଟଣାରେ ୨ ମୃତ

**ଭୁବନେଶ୍ୱର, ୨।୧୨:** ଅଧା ରହିଗଲା ଜଗା ଦର୍ଶନ । ସଡକ ଦୁର୍ଘଟଣାରେ ଚାଲିଗଲା ୨ ଜୀବନ । ବଡଗଡ଼ ଥାନା ବିଜେବି ନଗର ଠାରେ ସକାଳୁ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା । ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ଘର ନୟାଗଡ଼ ହୋଇଥିବା ବେଳେ ସେମାନେ ବିଜେଇଏମ୍ ସ୍କୁଲ ନିକଟରେ ଥିବା ବସ୍ତିରେ ରହୁଥିଲେ । ଜଣଙ୍କ ନାଁ ଶୁଭମ ନାୟକ ହୋଇଥିବା ବେଳେ ଅନ୍ୟ ଜଣଙ୍କ ନାଁ ପ୍ରୀତିରଞ୍ଜନ ନାୟକ । ଦୁହିଙ୍କ ବୟସ ପାଖାପାଖି ୨୦ ବର୍ଷ ହେବ । ଆଜି ସକାଳୁ ବାଇକ ଯୋଗେ ସେମାନେ ପୁରୀ ବାହାରିଥିଲେ । ଘରୁ ବାହାରିବା ବେଳେ ଦ୍ରୁତ ଗତିରେ ଯାଉଥିବା ବେଳେ ଏକ ଡିଭାଇଡର ରେ ପିଟି ହୋଇଥିଲେ । ପରେ ସେମାନଙ୍କୁ ହସ୍ପିଟାଲକୁ ନେବା ବାଟରେ ହିଁ ଦୁହିଁଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦେଖାଯାଇଛି ଉତ୍ତେଜନା ।

## ଆଜି ଘୋଷଣା ହେବ +୨ ପରୀକ୍ଷା ତାରିଖ

**ଭୁବନେଶ୍ୱର, ୨।୧୨:** ବୁଧବାରରେ ଯୁକ୍ତ ଦୁଇ ପରୀକ୍ଷା ତାରିଖ ଘୋଷଣା କରାଯିବ । କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବିଷୟପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା ତାରିଖ ଘୋଷଣା କରାଯିବ । ଚଳିତ ଥର ମୋଟ ୧୩୪୯ ସେଣ୍ଟରରେ ଯୁକ୍ତ ଦୁଇ ପରୀକ୍ଷା ହେବ । ଆସନ୍ତା ଫେବ୍ରୁଆରୀ ୧୫ରୁ ୨୫ଭିତରେ ହେବ ଯୁକ୍ତ ଦୁଇ ପରୀକ୍ଷା ହୋଇପାରେ । ୧୫ରୁ ୨୫ଭିତରେ ଯେକୌଣସି ତାରିଖରେ ପରୀକ୍ଷା ଆରମ୍ଭ ହେବ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡା ଅକ୍ଟୋବର ମାସରେ ସୂଚନା ଦେଇଥିଲେ ।

| | |
|---|---|
| ସେନ୍‌ସେକ୍ସ | ୮୫,୧୩୮ |
| ନିଫ୍ଟି | ୨୬,୦୩୨ |
| ସୁନା/୧୦ଗ୍ରା | ୧,୩୧,୧୭୫ |
| ରୂପା/କିଗ୍ରା | ୧,୬୧,୦୦୦ |
| ଡଲାର | ୮୯.୯୪ |

### ପାଣିପାଗ

| | | |
|---|---|---|
| ସର୍ବାଧିକ | ଭୁବନେଶ୍ୱର: | ୨୮.୨° |
| | କଟକ: | ୨୮.୧° |
| ସର୍ବନିମ୍ନ | ଭୁବନେଶ୍ୱର: | ୨୦.୨° |
| | କଟକ: | ୨୦.୩° |

### ହାଲ୍‌ଚାଲ୍



ବଜାରରେ ପୁଳା ପୁଳା ନକଲି ଔଷଧ ମିଳୁଛି ଚାରିବରଷ ମଧ୍ୟରେ ଶହେରୁ ଅଧିକ ଔଷଧ ଚିହ୍ନଟ ହୋଇଛି ବିଧାନସଭାକୁ ତଥ୍ୟକୁ ନେଇ ମୁଣ୍ଡରେ ଚିନ୍ତା ପଶିଛି ।

# 'ଓଡ଼ିଶା ଜନ ବିଶ୍ୱାସ ବିଲ୍ ୨୦୨୫' ପାରିତ

- ୧୬ଟି ଆଇନରେ ଥିବା ୧୬୧ ଆଇନଗତ ଧାରାରେ ସଂଶୋଧନ
- ଜୁଆ ଖେଳି ଧରାପଡ଼ିଲେ ମୋଟା ଅଙ୍କର ଜରିମାନା
- ଗୃହରେ ହୋହାଲ୍ଲା ପରେ କକ୍ଷତ୍ୟାଗ କଲେ ବିରୋଧୀ

**ଭୁବନେଶ୍ୱର, ୨।୧୨:** ଏଣିକି ଛୋଟଛୋଟ ଅପରାଧ ପାଇଁ ଆଉ ଜେଲ୍ ନୁହେଁ କେବଳ ଜୋରିମାନା ଦେବାକୁ ପଡ଼ିବ । ରାଜ୍ୟ ସରକାର ଆଜି ବିଧାନସଭାରେ 'ଓଡ଼ିଶା ଜନ ବିଶ୍ୱାସ ବିଲ-୨୦୨୫'କୁ ପାରିତ କରି ରାଜ୍ୟରେ ପ୍ରଚଳିତ ୧୬ଟି ଆଇନରେ ଥିବା ୧୬୧ଟି ଆଇନଗତ ଧାରାରେ ସଂଶୋଧନର ମାର୍ଗ ପ୍ରଶସ୍ତ କରିଛନ୍ତି । ଏଥିରୁ ୫୦ଟିରେ ଥିବା ଜେଲ୍ ଦଣ୍ଡ ବ୍ୟବସ୍ଥାକୁ ହଟାଇବା ସହ ବାକି ୧୧୧ଟି ଅପରାଧ ପାଇଁ ଅଧିକ ଜୋରିମାନାର ପ୍ରାବଧାନ କରିଛନ୍ତି ।

ବିଧାନସଭାରେ ଦୀର୍ଘସମୟ ଧରି ଏହି ବିଲର ବିଭିନ୍ନ ଧାରାଓ୍ୱାରି ଆଲୋଚନା ହେବାପରେ ବିରୋଧୀ ଦଳ ସଦସ୍ୟଙ୍କ କକ୍ଷତ୍ୟାଗ ମଧ୍ୟରେ ବିଲଟି ବହୁମତରେ ପାରିତ ହୋଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ 'ଜନବିଶ୍ୱାସ ଆଇନ-୨୦୨୩'କୁ ଅନୁସରଣ ରାଜ୍ୟ ସରକାର ଏହି ବିଲ୍ ପ୍ରସ୍ତୁତ କରିଥିବା କୁହାଯାଉଛି । ଲୋକଙ୍କ ମନରେ ସରକାରଙ୍କ ପ୍ରତି ଭରସା ବୃଦ୍ଧି ସହ ଛୋଟଛୋଟ ନିୟମଗତ ଭୁଲ୍ ବା କାମ ପାଇଁ ହେଉଥିବା ଜେଲ ଦଣ୍ଡକୁ ହଟାଇବା ଉପରେ ଏହି ବିଲରେ ଗୁରୁତ୍ୱ ଦିଆଯାଇଛି ।

ଜୁଆ ଖେଳକୁ ରୋକିବା ପାଇଁ ଓଡ଼ିଶା ବିଧାନସଭାରେ 'ଓଡ଼ିଶା ଜନ ବିଶ୍ୱାସ ବିଲ୍ ୨୦୨୫' ପାରିତ ହୋଇଛି । ଦୀର୍ଘ ସମୟ ଧରି ଆଲୋଚନା ପରେ ଏହି ବିଲ୍ ପାରିତ ହୋଇଥିବା ବେଳେ ଏଥିରେ ଜୁଆ ଖେଳି ଧରାପଡ଼ିଲେ ମୋଟା ଅଙ୍କର ଜରିମାନା ବ୍ୟବସ୍ଥା କରାଯାଇଛି ।

ନୂଆ ଆଇନରେ ପୂର୍ବରୁ ଥିବା ଜରିମାନା ରାଶିକୁ ବହୁଗୁଣିତ କରାଯାଇଛି । ପୂର୍ବରୁ ଥିବା ଶହେ ଟଙ୍କା ଜରିମାନାକୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଥିବା ହଜାରେ ଟଙ୍କା ଜରିମାନାକୁ ୭୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ବିଲ୍‌ରେ ୯ଟି ବିଭାଗର ୧୬ଟି ମୂଳ ରାଜ୍ୟ ଆଇନ୍‌ରେ ସଂଶୋଧନ କରାଯାଇଛି ।

ସର୍ବସାଧାରଣ ସ୍ଥାନରେ କଟକଣା ଲଗାଯାଇଛି । ଯପରିକି



ବଜାର, ମେଳା, କିମ୍ବା ରାସ୍ତାରେ ଜୁଆ ଖେଳକୁ ଆଦୌ ବରଦାସ୍ତ କରାଯିବ ନାହିଁ । ପଶୁ ପକ୍ଷୀ ଲଢ଼େଇ କରାଉଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜରିମାନା ଦେବାକୁ ପଡ଼ିବ । ଅଭିଯୁକ୍ତଙ୍କୁ ସରକାରୀ ଅଧିକାରୀ ସିଧାସଳଖ ସବ୍‌ଡିଭିଜନାଲ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରିପାରିବେ ।

ଏହି ପଦକ୍ଷେପ ରାଜ୍ୟରେ ବିଶ୍ୱାସଭିତ୍ତିକ ଶାସନ ପ୍ରଣାଳୀକୁ ସୁଦୃଢ଼ କରିବା ସହ ପୁଞ୍ଜିନିବେଶ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବ ବୋଲି କୁହାଯାଉଛି । ଏହି

**ଏଣିକି ଛୋଟ ଭୁଲ୍ ପାଇଁ ଜେଲ୍ ନୁହେଁ କେବଳ ଜୋରିମାନା**

'ଓଡ଼ିଶା ଜନ ବିଶ୍ୱାସ ବିଲ୍ - ୨୦୨୫'ରେ ରାଜ୍ୟର ମୋଟ ୧୬ଟି ପ୍ରଚଳିତ ଆଇନକୁ ସାମିଲ କରାଯାଇଛି । ଏହି ଆଇନଗୁଡ଼ିକ ମଧ୍ୟରେ 'ଓଡ଼ିଶା ନର୍ସ ଏବଂ ଧାତ୍ରୀ ପଞ୍ଜିକରଣ ଆଇନ – ୧୯୩୮, ଓଡ଼ିଶା ପୌର ଆଇନ – ୧୯୫୦, ଓଡ଼ିଶା ଜୁଆ ନିବାରଣ ଆଇନ – ୧୯୫୫, ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ – ୧୯୫୬, ଓଡ଼ିଶା ସମବାୟ ସମିତି ଆଇନ - ୧୯୬୨ ଓ ଓଡ଼ିଶା ଅବକାରୀ ଅଧିନିୟମ - ୨୦୦୮ ଭଳି ୧୬ଟି ଗୁରୁତ୍ୱପୂର୍ଣ୍ଣ ଆଇନ ରହିଛି । ଏହି ଜନବିଶ୍ୱାସ ବିଲ୍ ପାରିତ ହେବାଦ୍ୱାରା ଏହି ୧୬ଟି ଆଇନରେ ଥିବା ମୋଟ ୧୬୧ଟି ଆଇନଗତ ଧାରାକୁ ସଂଶୋଧନର ମାର୍ଗ ପ୍ରଶସ୍ତ ହୋଇଛି । ଯେଉଁଥିରେ ପ୍ରାୟ ୫୦ଟି ଅପରାଧ ପାଇଁ ଥିବା ଜେଲଦଣ୍ଡ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି ଓ ବାକି ୧୧୧ଟି ପାଇଁ ଜୋରିମାନା ଧାର୍ଯ୍ୟର ପ୍ରସ୍ତାବ ରହିଛି । ରାଜ୍ୟରେ 'ଇଜ୍ ଅଫ ଡୁଇଙ୍ଗ ବିଜିନେସ'କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ଏହି ବିଲ୍ ଆଣିଥିବା କୁହାଯାଉଛି । ଏବେ ପ୍ରଚଳିତ ଆଇନଗୁଡ଼ିକରେ ଥିବା ଅଯଥା ଜଟିଳ ନିୟମାବଳୀ ଓ ଛୋଟଛୋଟ ଭୁଲ୍ ପାଇଁ କଠୋର ଦଣ୍ଡାଦେଶ କାରଣରୁ ବ୍ୟବସାୟୀ, ନାଗରିକ ଓ ଅନୁଷ୍ଠାନ ଉପରେ ଏକ ଅଯଥା ଚାପ ପଡୁଥିଲା ।

ଏହି ବିଲ୍ ଛୋଟଛୋଟ ଅପରାଧ ପାଇଁ ଜେଲ୍ ଦଣ୍ଡ ବ୍ୟବସ୍ଥାକୁ ହଟାଇ ସେହି ସ୍ଥାନରେ ଦେଓ୍ୱାନୀ ଦଣ୍ଡ (ସିଭିଲ ପେନାଲଟି) ଲାଗୁ କରିବାକୁ ପ୍ରସ୍ତାବ ଦେଉଛି । ଏହାଛଡ଼ା ଛୋଟ ଛୋଟ ନିୟମ ଉଲ୍ଲଙ୍ଘନଗୁଡ଼ିକର ସମାଧାନ ପାଇଁ ସାଧାରଣ କୋର୍ଟ ବଦଳରେ ପ୍ରଶାସନିକ ବିଚାର ବ୍ୟବସ୍ଥା କରାଯିବ । ଏହାଦ୍ୱାରା ମାମଲାର ଶୀଘ୍ର ଫଇସଲା ସହ ଖର୍ଚ୍ଚ ମଧ୍ୟ କମିବ । ଛୋଟ ଅପରାଧଗୁଡ଼ିକୁ ଦୁଇଟି ଶ୍ରେଣୀରେ (ବର୍ଗ-କ ଓ ବର୍ଗ-ଖ) ବିଭକ୍ତ କରାଯାଇଛି । ଜେଲ ଦଣ୍ଡାଦେଶର ଅବଧି ଅନୁଯାୟୀ ଆର୍ଥିକ ଦଣ୍ଡର ପରିମାଣ ସ୍ଥିର କରାଯାଇଛି । ଉଦାହରଣ ସ୍ୱରୂପ, ଯେଉଁ ଛୋଟ ପ୍ରକ୍ରିୟାଗତ ଭୁଲ୍ (ବର୍ଗ-କ) ପାଇଁ ପୂର୍ବରୁ ୩ ମାସ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଥିଲା, ତା'ବଦଳରେ ଏବେ ୫ହଜାରରୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ଧାର୍ଯ୍ୟ ହୋଇଛି ।

## ୨ଟି ପର୍ଯ୍ୟାୟରେ ହେବ ଜନଗଣନା

- ଲୋକସଭାରେ କେନ୍ଦ୍ର ସରକାରଙ୍କ ବଡ଼ ଘୋଷଣା
- ଏପ୍ରିଲ ୨୦୨୬ରୁ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଚାଲିବ



**ନୂଆଦିଲ୍ଲୀ, ୨।୧୨:** ମଙ୍ଗଳବାର ଦିନ ସରକାର ଲୋକସଭାରେ ସୂଚନା ଦେଇଛନ୍ତି ଯେ ୨୦୨୭ ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ । ପ୍ରଥମ ପର୍ଯ୍ୟାୟ ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଅନୁଷ୍ଠିତ ହେବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଫେବୃଆରୀ ୨୦୨୭ରେ ଅନୁଷ୍ଠିତ ହେବ । କଂଗ୍ରେସ ସାଂସଦ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି କାର୍ଯ୍ୟର ବିସ୍ତୃତ ବିବରଣୀ ପ୍ରଦାନ କରି ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି ଯେ ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ । ସେ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଏବଂ ଗୃହ ଗଣନା ଅନ୍ତର୍ଭୁକ୍ତ ହେବ, ତା'ପରେ ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା କରାଯିବ ।

ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଜନଗଣନା ଫେବୃଆରୀ ୨୦୨୭ ରେ କରାଯିବ, ଯାହାକି ୧ ମାର୍ଚ୍ଚ ୨୦୨୭ ମଧ୍ୟରାତ୍ରୀରେ ସରିବ । କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ ଓ କାଶ୍ମୀର ଏବଂ ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡର ବରଫ ଆଚ୍ଛାଦିତ ଦୁର୍ଗମ ଅଞ୍ଚଳ ବ୍ୟତୀତ ଅନ୍ୟ ଅଞ୍ଚଳଗୁଡ଼ିକରେ ଗଣନା ସେପ୍ଟେମ୍ବର ୨୦୨୬ ରେ କରାଯିବ ଏବଂ ଏହାର ୧ ଅକ୍ଟୋବର ୨୦୨୬ ମଧ୍ୟରାତ୍ର ପର୍ଯ୍ୟନ୍ତ କରାଯିବ ।

ମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟେକ ଜନଗଣନା ପ୍ରକ୍ରିୟା ପୂର୍ବରୁ, ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ସଂଗଠନ ଏବଂ ଜନଗଣନା ତଥ୍ୟ ବ୍ୟବହାରକାରୀଙ୍କଠାରୁ ପ୍ରାପ୍ତ ସୂଚନା ଏବଂ ପରାମର୍ଶ ଆଧାରରେ ଜନଗଣନା ପ୍ରଶ୍ନାବଳୀ ଚୂଡ଼ାନ୍ତ କରାଯାଏ । ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଜନଗଣନାର ୧୫୦ ବର୍ଷରୁ ଅଧିକ ଇତିହାସ ରହିଛି ଏବଂ ପ୍ରତ୍ୟେକ ଜନଗଣନା ପୂର୍ବ ଜନଗଣନାର ଅଭିଜ୍ଞତାକୁ ବିଚାରକୁ ନେଇଥାଏ ।

## ଫାଇଟର ଜେଟ୍ ଏସକେପ୍ ସିଷ୍ଟମର ସଫଳ ପରୀକ୍ଷଣ

**ଯାନ୍ତ୍ରିକ ତ୍ରୁଟି କିମ୍ବା ଦୁର୍ଘଟଣା ଘଟିଲେ ପାଇଲଟମାନେ ଏହି ଇଜେକ୍ସନ ସିଟ୍ ବ୍ୟବହାର କରି ନିଜ ଜୀବନ ରକ୍ଷା କରନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ, ବିଶ୍ୱବ୍ୟାପୀ କେବଳ କିଛି ବିମାନ କମ୍ପାନୀ ଏପରି ସିଟ୍ ନିର୍ମାଣ କରିଥିଲେ ।**

**ନୂଆଦିଲ୍ଲୀ, ୨।୧।୨:** ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ପ୍ରତିରକ୍ଷା କ୍ଷେତ୍ରରେ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି । ମଙ୍ଗଳବାର ଡିଆରଡିଓ ଚଣ୍ଡିଗଡ଼ରେ ଏକ ଲଢୁଆ ବିମାନ ପାଇଁ ସ୍ୱଦେଶୀ ଇଜେକ୍ସନ ସିଟର ସଫଳତାର ସହ ପରୀକ୍ଷଣ କରିଛି । ଯାନ୍ତ୍ରିକ ତ୍ରୁଟି କିମ୍ବା ଦୁର୍ଘଟଣା ଘଟିଲେ ପାଇଲଟମାନେ ଏହି ଇଜେକ୍ସନ ସିଟ୍ ବ୍ୟବହାର କରି ନିଜ ଜୀବନ ରକ୍ଷା କରନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ, ବିଶ୍ୱବ୍ୟାପୀ କେବଳ କିଛି ବିମାନ କମ୍ପାନୀ ଏପରି ସିଟ୍ ନିର୍ମାଣ କରିଥିଲେ ।

ଭାରତର ଅଧିକାଂଶ ଯୁଦ୍ଧ ବିମାନରେ ମାର୍ଟିନ୍-ବେକର ସିଟ୍ ରହିଛି । ଚଣ୍ଡିଗଡ଼ରେ ଥିବା ଡିଆରଡିଓର ଟର୍ମିନାଲ୍ ବାଲିଷ୍ଟିକ୍ ଗବେଷଣାଗାର (ଟିବିଆରଏଲ) ଘଣ୍ଟା ପ୍ରତି ୮୦୦ କିଲୋମିଟର ବେଗରେ ଏସକେପ୍ ସିଷ୍ଟମ ପରୀକ୍ଷଣ କରିଥିଲା । ଏହି ପରୀକ୍ଷଣର ଫଟୋ ଜାହାଜରେ ଏବଂ ଭୂମି-ଭିତ୍ତିକ ଇମେଜିଂ ସିଷ୍ଟମ ମାଧ୍ୟମରେ କଏଦ କରାଯାଇଥିଲା । ଭାରତୀୟ ବାୟୁସେନା ଏବଂ ଏରୋସ୍ପେସ୍ ମେଡିସିନ୍ ଆଣ୍ଡ ସାର୍ଟିଫିକେସନ ପ୍ରତିଷ୍ଠାନର ଅଧିକାରୀମାନେ ଏହାକୁ ଦେଖିଥିଲେ । ବିଶ୍ୱର କେବଳ କିଛି ଦେଶ, ଯେପରିକି ଯୁକ୍ତରାଷ୍ଟ୍ର, ରୁଷ ଏବଂ ଫ୍ରାନ୍ସ, ଏପରି ଡାଇନାମିକ ଇଜେକ୍ସନ୍ ଟେଷ୍ଟ କରିପାରିବେ । ବର୍ତ୍ତମାନ, ଭାରତ ସେହି ଗୋଷ୍ଠୀରେ ସାମିଲ ହୋଇଛି । ପ୍ରକୃତ ଉଡ଼ାଣ ସମୟରେ ପାଇଲଟ୍‌ଙ୍କ ଜୀବନ ବଞ୍ଚାଇ ହେବ କି ନାହିଁ, ଏହି ପରୀକ୍ଷଣରୁ ଜଣାପଡ଼ିଛି ।



## ୪ ଦିନ ପରେ ଖୋଲିଲା ମଣ୍ଡି

**ସମ୍ବଲପୁର/ବରଗଡ଼, ୨।୧୨:** ସମ୍ବଲପୁର ଓ ବରଗଡ଼ ଜିଲ୍ଲାରେ ସ୍ୱାଭାବିକ ହେଲା ଧାନକିଣା । ୪ ଦିନ ପରେ ଆଜିଠୁ ମଣ୍ଡିରୁ ଉଠିଛି ଧାନ । ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ିଥିଲେ ମଧ୍ୟ ମିଲର ଚୁକ୍ତି ସ୍ୱାକ୍ଷର କରିନଥିବାରୁ ଧାନ ଉଠୁନଥିଲା । ପ୍ରତିବାଦରେ ଧାରଣାରେ ବସିଥିଲେ ଚାଷୀ । ପ୍ରଶାସନ ସହ ଆଲୋଚନା କରାଯିବା ପରେ ଧାନ କିଣା ସ୍ୱାଭାବିକ ହୋଇଛି ।

୪ ଦିନର ଛକାପଞ୍ଝା, ଧାରଣା ଆଉ ପ୍ରତିବାଦ । ସମ୍ବଲପୁର ଓ ବରଗଡ଼ରେ ସ୍ୱାଭାବିକ ହେଲା ଧାନ କିଣା । ଆଜି ଅପରାହ୍ଣ ୪ଟା ଭିତରେ ସମ୍ବଲପୁରରେ ୨୪୩.୧୦ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବେଳେ ୧୦୨ କ୍ୱିଣ୍ଟାଲ ଧାନ ମିଲ୍‌ରେ ପହଞ୍ଚିଛି । ଜିଲ୍ଲାରେ ୪୬ଟି ମିଲ୍ ମଧ୍ୟରୁ ଏବେ ସୁଦ୍ଧା ୧୭ଟି ମିଲ୍‌କୁ ଟାର୍ଗେଟ୍ ଦିଆଯାଇଛି । ବରଗଡ଼ର ୨୩୦ଟି ଧାନ କ୍ରୟ କେନ୍ଦ୍ରରେ ଚାଷୀଙ୍କଠାରୁ ସିଧାସଳଖ କିଣାଯିବ ଧାନ ।



**ସମ୍ବଲପୁର ଓ ବରଗଡ଼ରେ ଆରମ୍ଭ ହେଲା ଧାନ ସଂଗ୍ରହ**

ଜାନୁଆରୀ ଶେଷ ସୁଦ୍ଧା ସମସ୍ତ ଚାଷୀଙ୍କ ଧାନ କିଣିବାକୁ ଚେଷ୍ଟା କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛି ଜିଲ୍ଲା ପ୍ରଶାସନ ।

ମିଲର୍ ସମସ୍ୟା ତୁଟିଲା ହେଲେ ଏବେ ଟୋକନ୍ କେଁ । କାରଣ ବରଗଡ଼ରେ ମାତ୍ର ୩୫% ବା ୭୬ ହଜାର ଓ ସମ୍ବଲପୁରରେ ପ୍ରାୟ ୫୦% ବା ୪୯ ହଜାର ଟୋକନ୍ ମିଳିଛି । ଅନେକ ଚାଷୀ ଟୋକନ ପାଇନଥିବା ବେଳେ ଆଉ କିଛି ଚାଷୀ ଗୋଟିଏ ଲେଖାଏଁ ଟୋକନ ପାଇଛନ୍ତି । ଧାନ ଅମଳ ହୋଇ ଖଳାରେ ପଡ଼ିଛି କିନ୍ତୁ ଟୋକନ ନଥିବାରୁ ଧାନ ବିକ୍ରି କରିପାରୁନି ଚାଷୀ ।

ଗୋଟିଏ ପଟେ ଧାନ କିଣାରେ ବିଳମ୍ବ ଅନ୍ୟପଟେ ଟୋକନ ସମସ୍ୟା ଚାଷୀଙ୍କୁ ହନ୍ତସନ୍ତ କଲାଣି । ୬ ମାସର ପରିଶ୍ରମ ପରେ ପୁଣି ଧାନ ବିକିବାକୁ ୨ ମାସର ସଂଘର୍ଷ ଚାଷୀକୂଳକୁ ଖୁବ ବାଧୁଛି ।

## ଭଙ୍ଗା ହେବ କଟକର ସମସ୍ତ ବିପଦସଙ୍କୁଳ କୋଠା

**ଭୁବନେଶ୍ୱର, ୨।୧୨:** ଭଙ୍ଗା ହେବ କଟକର ସମସ୍ତ ବିପଦସଙ୍କୁଳ କୋଠା । ବିଧାନସଭାର ଲିଖିତ ପ୍ରଶ୍ନରେ ସୂଚନା ଦେଲେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ମନ୍ତ୍ରୀ କହିଛନ୍ତି ବିପଦସଙ୍କୁଳ କୋଠାଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏକ ବିଶେଷ କମିଟି ଗଠନ କରାଯାଇଛି । କଟକ ମହାନଗର ନିଗମ ମଧ୍ୟରେ ବିପଦସଙ୍କୁଳ କୋଠାଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏକ ବିଶେଷ କମିଟି ଗଠନ କରାଯାଇଛି । ସେହି କମିଟିର ସଦସ୍ୟମାନେ ସମସ୍ତ ଓ୍ୱାର୍ଡରେ ସର୍ଭେ କାର୍ଯ୍ୟ ଚଳାଉଛନ୍ତି । ସର୍ଭେ କାମ ଶେଷ ହେଲେ, ଚିହ୍ନଟ କରାଯାଇଥିବା ବିପଦସଙ୍କୁଳ କୋଠା ମାନଙ୍କୁ ନୋଟିସ୍ ଦେଇ ନିୟମାନୁସାରେ ଭାଙ୍ଗିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ଶ୍ରୀମନ୍ଦିର ପ୍ରସଙ୍ଗରେ ଭୁଲ୍ ତଥ୍ୟ ପ୍ରସଙ୍ଗ

## କ୍ଷମା ମାଗିଲେ ଶୁଭଙ୍କର

**ଭୁବନେଶ୍ୱର, ୨।୧୨:** ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ରାଙ୍କ ଗର୍ବ ଭାଙ୍ଗିଛି । ଜନସାଧାରଣଙ୍କର ଦ୍ୱାରା ସମାଲୋଚନା ହେଲା ପରେ ମହାପ୍ରଭୁଙ୍କ ନିକଟରେ ମୁଣ୍ଡ ନୁଆଁଇଛନ୍ତି । ବିଶ୍ୱନିୟନ୍ତା ପୁରୀ ଜଗନ୍ନାଥ ମହାପ୍ରଭୁଙ୍କୁ ନେଇ ସାମାଜିକ ଗଣମାଧ୍ୟମ 'ୟୁଟ୍ୟୁବ୍'ରେ ସେ ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି । ମୋର ଏହା ନିଜ କଳ୍ପନା ନୁହେଁ ମୁଁ ଏକଥା ଶୁଣିଛି । ଜଗନ୍ନାଥ ଜୀ ମୋ ଆରାଧ୍ୟ, ଓଡ଼ିଶା ମୋ ଅତି ପ୍ରିୟ, ଆଉ ପୁରୀବାସୀ ମୋର ଆପଣାର । ଶ୍ରୀମନ୍ଦିର ପ୍ରସଙ୍ଗରେ ଭୁଲ୍ ତଥ୍ୟ ଦେବା ନେଇ ଶୁଭଙ୍କର ମିଶ୍ରଙ୍କ ନାଁରେ ଓଡ଼ିଶାର ଜନମାନସରେ ବିରୋଧର ସ୍ୱର ଉଠୁଥିଲା । ଶୁଭଙ୍କର ମିଶ୍ରା ଯିଏ ବହୁତ ତର୍ଜମା ଏବଂ ବିଶ୍ଳେଷଣ କରି ଖବର ଲୋକଙ୍କ ନିକଟରେ ସଠିକତାର ସହ ଉପସ୍ଥାପନ କରନ୍ତି, ସେ କେମିତି ଶ୍ରୀମନ୍ଦିରକୁ ଏହିପରି ଭାବେ ଅରୁଚିକର ଏବଂ ଭ୍ରମାତ୍ମକ ମନ୍ତବ୍ୟ ଦେଲେ । ଜଗନ୍ନାଥପ୍ରେମୀ ଶୁଭଙ୍କର ମିଶ୍ରଙ୍କୁ ଖୁବ୍ ସମାଲୋଚନା କରିବା ସହ ଟ୍ରୋଲ କରିଥିଲେ ।

ସୋସିଆଲ ମିଡିଆ ଇନଫ୍ଲୁଏନସର୍ ଶୁଭଙ୍କର ମିଶ୍ରା କହିଥିଲେ ଯେଁ, ବିବାହ ପୂର୍ବରୁ ଯଦି ପ୍ରେମୀ ଯୁଗଳ ଶ୍ରୀମନ୍ଦିର



ଯାଇ ମହାପ୍ରଭୁଙ୍କର ଦର୍ଶନ କରିବେ ତେବେ ସେମାନଙ୍କ ପ୍ରେମ କେବେ ବି ସଫଳ ହେବନାହିଁ । ଏଥିସହ ବିବାହ ବନ୍ଧନରେ ସେମାନେ କେବେ ବି ବାନ୍ଧି ହୋଇପାରିବେ ନାହିଁ । ଶ୍ରୀମନ୍ଦିର ଉପରେ ମା ରାଧାରାଣୀଙ୍କ ଅଭିଶାପ ପଡିଛି । ମା ରାଧାରାଣୀ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥଙ୍କ ରୂପରେ ଦର୍ଶନ କରିବାକୁ ଯାଉଥିବା ବେଳେ ସେତେବେଳେ ସେବାୟତ ମାନେ ତାଙ୍କୁ ଅଟକାଇଥିଲେ ।

## ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପାଇଁ ଆସିଲା ଏସଓପି

**ଭୁବନେଶ୍ୱର, ୨।୧୨:** ୨୦୨୫-୨୬ ବର୍ଷ ଲାଗି ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପାଇଁ ଏସଓପି ଆସିଛି । ଏହି ଏସଓପି ଅନୁଯାୟୀ ସ୍କଲାରସିପ୍ ପାଣ୍ଠିକୁ ସିଧାସଳଖ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ । ବର୍ଷରେ ଜଣେ ଛାତ୍ର ମନୋନୀତ ହୁଅନ୍ତି ଏବଂ ଇ-ମେଧାବୃତ୍ତି ଛାତ୍ରବୃତ୍ତି ପାଆନ୍ତି କିନ୍ତୁ ପରବର୍ତୀ ସମୟରେ ପାଠ୍ୟକ୍ରମ ବନ୍ଦ କରି କଲେଜ ଛାଡିଦିଅନ୍ତି । ଯଦି ପରବର୍ତୀ ଶିକ୍ଷାବର୍ଷରେ, ଛାତ୍ର ଏକ ନୂତନ କଲେଜରେ ପ୍ରବେଶ କରନ୍ତି ଏବଂ ପ୍ରଥମ ବର୍ଷରୁ ଏକ ନୂତନ ପାଠ୍ୟକ୍ରମ ଆରମ୍ଭ କରନ୍ତି, ତେବେ ସେ ନୂତନ ପାଠ୍ୟକ୍ରମର ସେହି ପ୍ରଥମ ବର୍ଷ ପାଇଁ ଇ-ମେଧାବୃତ୍ତି ଛାତ୍ରବୃତ୍ତି ପାଇଁ ଆବେଦନ କରିବାକୁ ଯୋଗ୍ୟ ହେବେ ନାହିଁ ।

## ପୂର୍ବତନ ସାଂସଦ ପ୍ରଦୀପ ମାଝୀଙ୍କ ନାଁରେ ମାମଲା

**ନବରଙ୍ଗପୁର, ୨।୧୨:** ଅଡୁଆରେ ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଦୀପ ମାଝୀ । ନବରଙ୍ଗପୁର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନବରଙ୍ଗପୁର ଜିଲ୍ଲାପାଳଙ୍କ ସମ୍ମୁଖରେ ଫାୟରିଂ କରିବା ଧମକ ଦେବା ଘଟଣାରେ ପ୍ରଦୀପ ମାଝୀଙ୍କ ବିରୋଧରେ ଥାନାରେ ମାମଲା ଦାୟର କରିଛନ୍ତି ନବରଙ୍ଗପୁରଜିଲ୍ଲା ମଙ୍ଗଳ ଅଧିକାରୀ । ଏବେ ପୋଲିସ ତାଙ୍କୁ ପଚରା ଉଚୁରା କରିବାର ସମ୍ଭାବନା ରହିଛି ।

ସୂଚନା ଅନୁସାରେ ଗତ ୨୦ ନଭେମ୍ବରରେ ପ୍ରେସର କୁକୁର ଫାଟି କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କାକଡ଼ି ସେମଳା ସ୍କୁଲ ଛାତ୍ର ଧନେଶ୍ୱର ଭତ୍ରା ଆହତ ହୋଇଥିଲେ । ୨୮ ତାରିଖ ରାତିରେ ସ୍କୁଲ ପାଚେରୀ ଡେଇଁ ଆହତ ଛାତ୍ରକୁ ହଷ୍ଟେଲ ପରିସରରୁ ଆଣି ଉନ୍ନତ ଚିକିତ୍ସା ପାଇଁ



ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରିଥିଲେ ପ୍ରଦୀପ ମାଝୀ । ଏହି ସମୟରେ ସେ ଜିଲ୍ଲାମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକାକୁ ଫାୟରିଂ କରିଦେବି ଧମକ ଦେଇଥିଲେ । ଘଟଣାକୁ ନେଇ ତିନି ଦିନ ପରେ ନବରଙ୍ଗପୁର ଥାନାରେ ପ୍ରଦୀପ ମାଝୀଙ୍କ ବିରୋଧରେ ମାମଲା ଦାୟର କରିଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ । ଆଜି ଏନେଇ ନବରଙ୍ଗପୁର ଥାନାରେ ମାମଲା ଦାୟର କରିଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା ।

## ନକଲି ଔଷଧ ବିକିଲେ ନିସ୍ତାର ନାହିଁ : ସ୍ୱାସ୍ଥ୍ୟମନ୍ତ୍ରୀ

- ବଜାରରେ ପୁଳା ପୁଳା ନକଲି ମେଡିସିନ୍
- ୪ ବର୍ଷରେ ୧୬୮ ମେଡିସିନ୍ ଚିହ୍ନଟ

**ଭୁବନେଶ୍ୱର, ୨।୧୨:** ବଜାରରେ ବୁଲୁଛି ପୁଳା ପୁଳା ନକଲି ମେଡ଼ିସିନ । ୪ ବର୍ଷରେ ଚିହ୍ନଟ ହେଲାଣି ୧୬୮ ନକଲି ମେଡ଼ିସିନ । ଆଉ ୩୮୮ ଟି ନିମ୍ନ ମାନର ମେଡ଼ିସିନ ଚିହ୍ନଟ ହୋଇଛି । ଗତ ୪ ବର୍ଷରେ ଅଢେଇ କୋଟିର ଊର୍ଦ୍ଧ୍ୱ ଟଙ୍କାର ନକଲି ମେଡ଼ିସିନ ଜବତ କଲେଣି ସରାକର । ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଲିଖିତ ଉତ୍ତରରେ ଏହି ତଥ୍ୟ ସାମ୍ନାକୁ ଆସିଛି । ୨୦୨୧ ରୁ ୨୦୨୪-୨୫ ଭିତରେ ୧୬୮ ଟି ନକଲି ମେଡ଼ିସିନ ଚିହ୍ନଟ ହୋଇଛି । ସେହିଭଳି ୩୮୮ ଟି ନିମ୍ନ ମାନର ମେଡ଼ିସିନ ଯାହାକି ଆବଶ୍ୟକୀୟ ଗୁଣବତ୍ତା ଏବଂ ପ୍ରଭାବଶାଳୀ ମାନଦଣ୍ଡ ପୂରଣ କରିବାରେ ବିଫଳ । ୨୦୨୧ ରେ ୭୯ ଟି, ୨୦୨୨ ରେ ୬୪ ଟି, ୨୦୨୩ ରେ ୧୪ ଟି ଏବଂ ୨୦୨୪ ରେ ୧୧ ଟି ନକଲି ମେଡ଼ିସିନ ଚିହ୍ନଟ ହୋଇଛି ।

ନକଲି ଔଷଧ ନେଇ ସରକାରଙ୍କୁ ଘେରିଛନ୍ତି ଉଭୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ । କଂଗ୍ରେସ ବିଧାୟକ ମୁଖ୍ୟ ସଚେତକ ରାଜନ ଏକ୍କା କହିଛନ୍ତି ଡବଲ ଇଂଜିନ



ସରକାର ଆସିବା ପରେ ଏପରି ଘଟଣା ଘଟୁଛି । ବିଭିନ୍ନ ଜାଲି କମ୍ପାନୀ ଲୋକଙ୍କ ଜୀବନ ସହ ଖେଳୁଛନ୍ତି । ଚଢ଼ାଉକୁ ଆହୁରି ଜୋରଦାର କରି ନକଲି ଔଷଧ ଜବତ କରାଯାଉ । ସରକାର କେବଳ କଥା ଦେଉଛନ୍ତି । ହେଲେ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି । ୨୦୦ ରୁ ଅଧିକ ନକଲି ଔଷଧ ବଜାରରେ ବୁଲୁଛି ବୋଲି ଅଭିଯୋଗ କରିଛି କଂଗ୍ରେସ ।

ସେହିପରି ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ସରକାର ନକଲି ଔଷଧ ବନ୍ଦ କରିବା କଥା । ଲୋକଙ୍କ ସ୍ୱାସ୍ଥ୍ୟ ଯେପରି ଖରାପ ନ ହେଉ, ତାହା ସରକାରଙ୍କ ଦାୟିତ୍ୱ । ହେଲେ ପୂର୍ବ ସରକାରକୁ ଦାୟୀ କରି ଖସିବା କଥା ସରକାରଙ୍କ ରୁଗ୍ଣ ମାନସିକତା ।

ଅନ୍ୟପକ୍ଷରେ ନକଲି ଔଷଧ ସମ୍ପର୍କରେ ପ୍ରତିକ୍ରିୟା ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ସ୍ୱାସ୍ଥ୍ୟ ବିଭାଗ ବର୍ତମାନ ଆକ୍ସନ ମୋଡ଼ରେ ଅଛି । ଡ୍ରଗ୍ସ କଂଟ୍ରୋଲ ବିଭାଗ ତରଫରୁ ରେଗୁଲାର ଚଢ଼ାଉ କରାଯାଉଛି । ନକଲି ଔଷଧ ଜବତ କରାଯାଉଛି । ଆଗାମୀ ଦିନରେ ଏହାକୁ ବ୍ୟାପକ କରିବେ ସରକାର । ବିଭିନ୍ନ ସମୟରେ ନକଲି ମେଡ଼ିସିନ ବଜାରକୁ ଛାଡିବାକୁ ଚକ୍ରାନ୍ତ ହୋଇଥାଏ । ସ୍ୱାସ୍ଥ୍ୟ ବିଭାଗ, ଡ୍ରଗ୍ସ କଂଟ୍ରୋଲର ଓ ପୋଲିସ ବିଭାଗ ମିଳିତ ଭାବେ ଚଢ଼ାଉ ସହ ଏହାର ଉତ୍ସକୁ ଖୋଜୁଛନ୍ତି ।

# ହ୍ୟାଲୋ ବଲିଉଡ୍



## ଦ୍ୱିତୀୟ ବିବାହ କଲେ ସାମନ୍ଥା

ପୁଣି ଥରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ସାଉଥ୍ ସୁପର୍ଷ୍ଟାର ସାମନ୍ଥା ରୁଥ୍ ପ୍ରଭୁ । ସାଉଥ୍ ସିନେ ଜଗତର ଲୋକପ୍ରିୟ ଫିଲ୍ମ ନିର୍ମାତା ରାଜ୍ ନିଦିମୋରୁଙ୍କ ସହ ତାଙ୍କର ହାତଗଣ୍ଠି ପଡ଼ିଛି । ସୋମବାର ସକାଳେ କୋଇମ୍ବାଟୁର ସ୍ଥିତ ସଦ୍ ?ଗୁରୁ ଜଗ୍ ?ଗୀ ବାସୁଦେବଙ୍କ ଇଶା ଫାଉଣ୍ଡେସନରେ ଥିବା ଲିଙ୍ଗ ଭୈରବୀ ମନ୍ଦିରରେ ପରିବାର ଓ ପରିଜନଙ୍କ ଉପସ୍ଥିତିରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଛି । ସମନ୍ଥା ନିଜ ଇନ୍ ?ଷ୍ଟାଗ୍ରାମ୍ ପେଜରେ ବିବାହର ଫଟୋ ଶେୟାର କରିଛନ୍ତି । କ୍ୟାପ୍ସନରେ ବିବାହ ତାରିଖ ଲେଖିଛନ୍ତି । ବିବାହରେ ସାମନ୍ଥା ଲାଲ୍ ରଙ୍ଗର ଶାଢ଼ି ଏବଂ ରାଜ୍ ଧଳା କୁର୍ତ୍ତା-ପାଇଜାମା ପିନ୍ଧିଥିଲେ । ସୁନା ଓ ହୀରା ଗହଣାରେ ସାମନ୍ଥା ନିଜକୁ ସଜାଇଥିଲେ । ଲିଙ୍ଗ ଭୈରବୀ ଦେବୀ ମନ୍ଦିରରେ ଭୂତ ସୁଦ୍ଧି ବିବାହ ବିଧି ଜରିଆରେ ବିବାହ ସମ୍ପାଦିତ ହୋଇଥିଲା । ଉଭୟଙ୍କ ବିବାହ ବିଷୟରେ ରବିବାର ରାତିରେ ଚର୍ଚ୍ଚା ହୋଇଥିଲା । କିନ୍ତୁ ସାର୍ବଜନୀନ କରାଯାଇନଥିଲା । ବିବାହରେ ଅତିଥିଙ୍କ ସଂଖ୍ୟା ମାତ୍ର ୩୦ରେ ସୀମିତ ଥିଲା । ଦୀର୍ଘ ଦୁଇ ବର୍ଷ ହେଲା ସାମନ୍ଥା-ରାଜ୍ ପରସ୍ପରକୁ ଡେଟ୍ କରୁଥିଲେ । ସାମନ୍ଥା ଅନେକ ଥର ରାଜଙ୍କ ସହ ଫଟୋ ସୋସିଆଲ ମିଡିଆରେ ଶେୟାର କରିଥିଲେ, ଯାହା ଉଭୟଙ୍କ ସମ୍ପର୍କ ବିଷୟରେ ଚର୍ଚ୍ଚାର ଖୋରାକ ଯୋଗାଇଥିଲା । ତେବେ ସାମନ୍ଥା ୨୦୧୭ରେ ଅଭିନେତା ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ । ବିବାହର ୪ ବର୍ଷ ପରେ ଦୁହେଁ ଅଲଗା ହୋଇଗଲେ । ଏହା ପରେ ନାଗା ଚୈତନ୍ୟ ଶୋଭିତା ଧୂଳିପାଲାଙ୍କୁ ବିବାହ କଲେ । ରାଜ୍ ନିଦିମୋରୁ ମଧ୍ୟ ୨୦୨୨ରେ ଶ୍ୟାମଲୀ ଦେଙ୍କୁ ଛାଡ଼ପତ୍ର ଦେଇଥିଲେ ।

# ଇଣ୍ଡିଗୋ ବିମାନକୁ ବୋମା ଧମକ

## ମୁମ୍ବାଇ ବିମାନବନ୍ଦରରେ କଲା ଜରୁରୀ ଅବତରଣ

**ନୂଆଦିଲ୍ଲୀ:** ମୁମ୍ବାଇ ବିମାନ ବନ୍ଦରରେ ଚହଳ ପଡିଗଲା । ସମସ୍ତଙ୍କ ମଧ୍ୟରେ ଭୟ-ଆତଙ୍କ ଖେଳିଗଲା । କାରଣ ଇଣ୍ଡିଗୋ ବିମାନକୁ ବୋମା ଧମକ ମିଳିବା ପରେ ମୁମ୍ବାଇ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା । ଯାତ୍ରୀଙ୍କୁ ସୁରକ୍ଷିତ ବାହାର କରାଯାଇ ବିମାନକୁ ତନତନ କରି ଯାଞ୍ଚ କରିଛନ୍ତି ବମ୍ ସ୍କ୍ୱାଡ୍ । ହାଇଦ୍ରାବାଦରୁ କୁଏତ୍ ଯାଉଥିଲା ବିମାନ । ବିମାନରେ ହ୍ୟୁମାନ୍ ବୋମା ଥିବା ନେଇ ଆସିଥିଲା ଇ-ମେଲ୍ । ବୋମାରେ ଉଡ଼ାଇଦେବାକୁ ହାଇଦ୍ରାବାଦ ବିମାନବନ୍ଦରକୁ ଆସିଥିଲା ଧମକ । ଏହାପରେ ମୁମ୍ବାଇରେ ବିମାନରେ ଏମଜେନ୍ସି ଲ୍ୟାଣ୍ଡିଂ କରାଯାଇଥିଲା । ବିମାନ ବନ୍ଦରରେ ହାଇ ଆଲର୍ଟ ଜାରି ହୋଇଛି ।



ରିପୋର୍ଟ ମୁତାବିକ, ହାଇଦ୍ରାବାଦ ଏୟାରପୋର୍ଟକୁ ଧମକପୂର୍ଣ୍ଣ ଇ-ମେଲ ଆସିଥିଲା । ଯେଉଁଥିରେ ବିମାନରେ ହ୍ୟୁମାନ ବୋମା ଥିବା ନେଇ ଧମକ ଦିଆଯାଇଥିଲା । ଧମକ ମିଳିବା ପରେ ତୁରନ୍ତ ବିମାନକୁ ଜରୁରୀ ଅବତରଣ କରିବାକୁ ନିଷ୍ପତ୍ତି ନେଇଥିଲେ । କୁଏତରୁ ହାଇଦ୍ରାବାଦ ଯାଉଥିବା ଏକ ଇଣ୍ଡିଗୋ ବିମାନକୁ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଇଣ୍ଟରନ୍ୟାସନାଲ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରାଯାଇଥିଲା । ବିମାନ କର୍ତ୍ତୃପକ୍ଷ ଇମେଲ୍ ମାଧ୍ୟମରେ ଏକ ବୋମା ଧମକ ପାଇଥିଲେ, ଯାହା ଆତଙ୍କ ଖେଳି ଯାଇଥିଲା ।

ମୁମ୍ବାଇ ଏୟାରପୋର୍ଟରେ ଇଣ୍ଡିଗୋ ଫ୍ଲାଇଟ୍‌କୁ ସୁରକ୍ଷିତ ଲ୍ୟାଣ୍ଡି କରାଯାଇଛି । ଏହାପରେ ବିମାନକୁ ଆଇସୋଲେସନରେ ନିଆଯାଇଥିଲା । ତନତନ କରି ଯାଞ୍ଚ କରାଯାଇଥିଲା । ଏବେ ସୁଦ୍ଧା କୌଣସି ସନ୍ଦିଗ୍ଧ ଜିନିଷ ମିଳିନାହିଁ । ପୁରା ଅପରେସନରେ ବୋମା ନିଷ୍କ୍ରିୟକାରୀ ଦଳ ଏବଂ ଉଓଝର କର୍ମଚାରୀ ସାମିଲ ହୋଇଥିଲେ । ଫ୍ଲାଇଟ୍ ନମ୍ବର ନେଇ କୌଣସି ସୂଚନା ମିଳିନାହିଁ । ଗତକାଲି କୁଏତରୁ ରାତି ପ୍ରାୟ ୧ଟା ୫୬ରେ ବାହାରିଥିଲା । ସକାଳ ୮ଟା ୧୦ରେ ଜରୁରୀ ଅବତରଣ କରାଯାଇଥିଲା ।



## ଅଷ୍ଟ୍ରେଲିଆରେ ଛୋଟ ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ୍

**ମେଲବୋର୍ଣ୍ଣ:** ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ବିଶ୍ୱରେ ପ୍ରଥମେ ସାମାଜିକ ଗଣମାଧ୍ୟମ ନିଷେଧ କରିଛି ଅଷ୍ଟ୍ରେଲିଆ । ଏହି ନିଷେଧ ନିୟମ କାର୍ଯ୍ୟକାରୀ ହେଲେ ୧୬ ବର୍ଷରୁ କମ୍ ବୟସର ଅଷ୍ଟ୍ରେଲୀୟ ପିଲା ମାନଙ୍କ ଦ୍ୱାରା ରଖାଯାଇଥିବା ଦଶ ଲକ୍ଷରୁ ଅଧିକ ସାମାଜିକ ଗଣମାଧ୍ୟମ ଆକାଉଣ୍ଟଗୁଡ଼ିକ ନିଷ୍କ୍ରିୟ ହୋଇଯିବ ବୋଲି କୁହାଯାଉଛି । ଆଗାମୀ ଡିସେମ୍ବର ୧୦ ତାରିଖରୁ ଅଷ୍ଟ୍ରେଲିଆରେ ଏହି ନିୟମ ଲାଗୁ ହେବ । ୧୬ ବର୍ଷରୁ କମ୍ ବୟସର ବ୍ୟବହାରକାରୀଙ୍କ ପାଇଁ ଫେସବୁକ୍, ସ୍ନାପଚଟ୍ ଏବଂ ୟୁଟ୍ୟୁବ୍ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ନିୟମ ଉଲଂଘନ କଲେ ୪୯.୫ ନିୟୁତ ଅଷ୍ଟ୍ରେଲୀୟ ଡଲାର (୩୨ ନିୟୁତ ଡଲାର) ପର୍ଯ୍ୟନ୍ତ ଦଣ୍ଡ ଭୋଗିବାକୁ ପଡିବ ବୋଲି ସୂଚନା ମିଳିଛି ।

ବିଶ୍ୱରେ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆ ଏପରି ନିଷ୍ପତ୍ତି ନେଇଛି । ସାମାଜିକ ଗଣମାଧ୍ୟମ ପିଲାମାନଙ୍କ ପାଇଁ ବିପଦ ଏବଂ କ୍ଷତିକାରକ ପରିଲକ୍ଷିତ କରି ଏପରି ନିଷ୍ପତ୍ତି ନେଇଛି ଅଟରେଲିଆ । ଏହା ସହ ଛୋଟପିଲାଙ୍କୁ ଯେଉଁ ବିଷୟବସ୍ତୁକୁ ପ୍ରଭାବ କରୁଛି ସେସବୁକୁ ହ୍ରାସ କରିବା ପାଇଁ ଏକ ଆଇନ ପ୍ରଚଳନ କରିଛି । ଅଷ୍ଟ୍ରେଲିଆ ଦାବି କରିଛି ଯେ , ଯେଉଁ ଛୋଟ ପିଲାମାନେ ପୂର୍ବରୁ ଦୁର୍ବଳ ଅଛନ୍ତି ସେମାନଙ୍କୁ ଲାଇକ୍ ଫାଶରେ ଟାଣି ଆଣି ସେମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ ନକାରାତ୍ମକ ଭାବରେ ପ୍ରଭାବିତ କରୁଛି ସାମାଜିକ ଗଣମାଧ୍ୟମ ।

# ତାମିଲନାଡୁରେ ପ୍ରବଳ ବର୍ଷା, ୩ ଜିଲ୍ଲାରେ ଶିକ୍ଷାନୁଷ୍ଠାନ ବନ୍ଦ

**ଚେନ୍ନାଇ:** ବାତ୍ୟା ଡିଟ୍‌ୱା ଶ୍ରୀଲଙ୍କାରେ ଜଳପ୍ରଳୟ ଆଣିଥିବାବେଳେ ରବିବାର ପଶ୍ଚିମ ବଙ୍ଗୋପସାଗରରେ ଏହା ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇଥିଲା । ସୋମବାର ସକାଳ ସୁଦ୍ଧା

**ପ୍ରବଳ ବର୍ଷା ଏବଂ ବନ୍ୟା ଆଶଙ୍କା କରି କର୍ତ୍ତୃପକ୍ଷ ବାସିନ୍ଦାଙ୍କୁ ସତର୍କ ରହିବାକୁ ଅନୁରୋଧ**

ଗଭୀର ଅବପାତ ଉତ୍ତର ତାମିଲନାଡୁ ଉପକୂଳ ଓ ପୁଡୁଚେରୀଠାରୁ ୩୫ କିମି ଦୂରରେ ଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି । ଗଭୀର ଅବପାତ ସ୍ଥିତି ୨୪ ଘଣ୍ଟା ପର୍ଯ୍ୟନ୍ତ ଲାଗି ରହିବ ।



ଏହାର ପ୍ରଭାବରେ ତାମିଲନାଡୁର ତିରୁଭଲ୍ଲୁର, ରାଣିପେଟ୍, କାଞ୍ଚିପୁରମ୍, ଚେନ୍ନାଇ, ଚେଙ୍ଗଲପଟ୍ଟୁ ଓ ଭେଲୋର ଜିଲ୍ଲାରେ ସୋମବାର ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଆଇଏମ୍‌ଡି ପକ୍ଷରୁ କୁହାଯାଇଛି । ତିରୁପୁଥୁର, ତିରୁଭନ୍ନମଲାଇ ଓ ଭିଲ୍ଲୁପୁରମ ଜିଲ୍ଲା ଏବଂ ପୁଡୁଚେରୀର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ବି ସମ୍ଭାବନା ରହିଛି । ଅବପାତ ପ୍ରଭାବରେ ତାମିଲନାଡୁରେ ର ଉତ୍ତର ଉପକୂଳ, କରାଇକଲ ଦକ୍ଷିଣ ଉପକୂଳ ଓ ପୁଡୁଚେରୀରେ ୬୦ରୁ ୭୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି । ସ୍ଥଳ ବିଶେଷରେ ପବନର ବେଗ ୮୦ କିମି ରହିବ ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି ।

ତାମିଲନାଡୁରେ ବାତ୍ୟା ଯୋଗୁଁ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା । କଲମ୍ବୋ ରେ ଫସି ରହିଥିବା ୪୦୦ ଭାରତୀୟଙ୍କୁ ଦୁଇଟି ବିମାନରେ ଭାରତ ଅଣାଯାଇଛି । ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ବାତ୍ୟା 'ଦିତ୍‌ୱାହ' ଭାରତୀୟ ଉପକୂଳ ଅତିକ୍ରମ କରିବ ନାହିଁ ବରଂ ସମୁଦ୍ର କୂଳ ଦେଇ ଯିବ । ପବନର ବେଗ ବହୁ ଅଧିକ ନଥିଲେ ମଧ୍ୟ ଏହା କୃଷିକାର୍ଯ୍ୟକୁ ବ୍ୟାପକ ଭାବେ ପ୍ରଭାବିତ କରିବ ।

ଆଜି ଭାରତୀୟ ବାୟୁସେନା ହେଲିକପ୍ଟର କଲମ୍ବୋରେ ନିଜର ଅପରେସନ ଜାରି ରଖିଛି । ଇରୁଙ୍ଗୁୱାଟାରେ ଫସି ରହିଥିବା ୫୭ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ମାଟାଲେରେ ପହଞ୍ଚାଇଛି । ସେପଟେ ତାମିଲନାଡୁରେ ପ୍ରବଳ ବର୍ଷା, ୩ଟି ଜିଲ୍ଲାରେ ଶିକ୍ଷାନୁଷ୍ଠାନ ବନ୍ଦ ସାମୁଦ୍ରିକ ଘୂର୍ଣ୍ଣିଝଡ଼ ଡିଟ୍‌ୱା କାରଣରୁ ତାମିଲନାଡୁର ତିନୋଟି ଜିଲ୍ଲାରେ ସ୍କୁଲ ଏବଂ କଲେଜ ବନ୍ଦ ରଖାଯାଇଛି । ପ୍ରବଳ ବର୍ଷା ଏବଂ ବନ୍ୟା ଆଶଙ୍କା କରି କର୍ତ୍ତୃପକ୍ଷ ବାସିନ୍ଦାଙ୍କୁ ସତର୍କ ରହିବାକୁ ଅନୁରୋଧ କରିଛନ୍ତି ।

# ବିହାର ବିଧାନସଭା ବାଚସ୍ପତି ଭାବେ ଶପଥ ନେଲେ ପ୍ରେମ କୁମାର



**ପାଟନା:** ବିଜେପି ବିଧାୟକ ପ୍ରେମ କୁମାର ବିଧାନସଭାର ନୂତନ ବାଚସ୍ପତି ଭାବରେ ନିର୍ବାଚିତ ହୋଇଥିଲେ । ଆଜି ସେ ଶପଥ ନେଇଥିବାବେଳେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏବଂ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ତାଙ୍କୁ ବାଚସ୍ପତିଙ୍କ ଆସନ ପର୍ଯ୍ୟନ୍ତ ନେଇ ଯାଇଥିଲେ । ଏହା ଉଲ୍ଲେଖନୀୟ ଯେ ପ୍ରେମ କୁମାର ସୋମବାର (ଡିସେମ୍ବର ୧) ବାଚସ୍ପତି ପଦ ପାଇଁ ତାଙ୍କର ନାମାଙ୍କନ ଦାଖଲ କରିଥିଲେ, ଏବଂ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୌଣସି ବିରୋଧୀ ପ୍ରାର୍ଥୀ ନାମାଙ୍କନ ଦାଖଲ କରିନଥିଲେ । ଫଳସ୍ୱରୂପ, ପ୍ରେମ କୁମାର ନିର୍ବିରୋଧ ଭାବେ ନିର୍ବାଚିତ ହୋଇଛନ୍ତି ।

ବିହାରର ନୂତନ ରାଜନୈତିକ ଦୃଶ୍ୟପଟରେ ବିଜେପି ପାଇଁ ଏହି ବିଜୟ ବିଶେଷ ଗୁରୁତ୍ୱ ରଖେ । ଏପର୍ଯ୍ୟନ୍ତ, ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଦଳ, ଜେଡିୟୁ, ମହାଗଠବନ୍ଧନ ସରକାରଗୁଡ଼ିକରେ 'ବଡ଼ ଭାଇ' ଭୂମିକା ଗ୍ରହଣ କରିଥିଲା । ତଥାପି, ଏଥର, ବିଧାନସଭା ନିର୍ବାଚନରେ ପରିସ୍ଥିତି ପରିବର୍ତ୍ତନ ହେଲା - ବିଜେପି ୮୯ ଆସନ ଜିତି ସର୍ବବୃହତ ଦଳ ଭାବରେ ଉଭା ହୋଇଥିଲା, ଯେତେବେଳେ ଜେଡିୟୁ ୮୫ ଆସନ ସହିତ ପଛରେ ରହିଯାଇଥିଲା । ଫଳସ୍ୱରୂପ, ମେଣ୍ଟରେ ବିଜେପିର ଭୂମିକା ପୂର୍ବ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇଛି ।

ଏହି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ବିଜେପି ପାଖକୁ ଯିବା ପରେ, ଏହା ସ୍ପଷ୍ଟ ଯେ ଦଳ ବର୍ତ୍ତମାନର ସରକାରରେ ଏକ ନିର୍ଣ୍ଣାୟକ ପଦବୀ ରଖିଛି । ବିରୋଧୀ ଦଳ ପ୍ରାର୍ଥୀ ଦେବାକୁ ମନା କରିବାର ଅର୍ଥ ହେଉଛି ସେମାନେ ପ୍ରେମ କୁମାରଙ୍କ ଉପରେ ସହମତ ହୋଇଛନ୍ତି । ମଙ୍ଗଳବାର ବିଧାନସଭାରେ ସେ ଆନୁଷ୍ଠାନିକ ଭାବରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ । ପ୍ରେମ କୁମାର ଦୀର୍ଘ ସମୟ ଧରି ସକ୍ରିୟ ରାଜନେତା ଏବଂ ୯ମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ।

# ସତର୍କତା ଓ ସଚେତନତା ହିଁ ଏଡସ୍ ସଂକ୍ରମଣ ରୋକିପାରେ

**ପୁରୀ:** ଏଡସ୍ ଏକ ଅଦେଖା ମାରାତ୍ମକ ବ୍ୟାଧି । ଥରେ ଦେହରେ ଲାଗିଲେ ମୃତ୍ୟୁ ନିଶ୍ଚୟ । ଏଣୁ ଏହା ଠାରୁ ଦୂରେଇ ରହି, ସତର୍କତା ଅବଲମ୍ବନ କଲେ ନିଜେ ସୁରକ୍ଷିତ ରହିବା ସହ ସମାଜକୁ ସଚେତନ କଲେ ସମାଜ ଏଡସ୍ ସଂକ୍ରମଣରୁ ବର୍ତିଯିବ ବୋଲି କହିଛନ୍ତି ପୁରୀର ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ବିଶ୍ୱ ଏଡ଼ସ ଦିବସ ଉପଲକ୍ଷେ ଶରଧାବାଲି ଠାରେ ସମବେତ ରାଲିକୁ ପତାକା ହଲାଇ ଉଦଘାଟନ କରିବା ସହ ଉଦବୋଧନ ଦେଇ ଶ୍ରୀ ବେହେରା, ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ କ୍ଷେତ୍ର ପୁରୀକୁ ଏଡ଼ସ କବଳରୁ ବଂଚାଇ ରଖିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଏଡସ୍ ନିୟନ୍ତ୍ରଣ କମିଟି ସଦସ୍ୟ ସମାଜସେବୀ ଡକ୍ଟର ବଦ୍ରି ମିଶ୍ର, ଜିଲ୍ଲା ଏଡସ୍ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ଲଲାଟେନ୍ଦୁ ମିଶ୍ର, ଡାକ୍ତର ଶ୍ରୀକାନ୍ତ ପଣ୍ଡା, ଡାକ୍ତର ସୁଦର୍ଶନ ପୋଥାଲଙ୍କ ସମେତ ସରକାରୀ ଏଏନମ୍ ତାଲିମ କେନ୍ଦ୍ର, ପ୍ରିୟଙ୍କାଦେବୀ ସ୍କୁଲ ଅଫ ନର୍ସିଂ, ଆଇଏମଟି ଫାର୍ମାସୀ କଲେଜ୍, ଶୈଳବାଳା ସ୍କୁଲ ଅଫ୍ ନର୍ସିଂ, ପେନକୋଡ, ହୋପ୍ ଫାଉଣ୍ଡେସନର ଛାତ୍ରଛାତ୍ରୀଙ୍କ ସମେତ ଅନେକ ଟ୍ରାନସଜେଣ୍ଡର ଯୋଗଦାନ କରିଥିଲେ । ପରେପରେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସପିଟାଲ ର ମିଳିତ ଆନୁକୁଲ୍ୟ ତଥା ଗୋଷ୍ଠୀ ଭେଷଜ ବିଜ୍ଞାନ ବିଭାଗ ସହଯୋଗରେ ଡିନ୍ ସବିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ଜାତୀୟ ବିଶ୍ୱ ଦିବସ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଡାକ୍ତର ଲଲାଟେନ୍ଦୁ ମିଶ୍ର,ଡାକ୍ତର ଶ୍ରୀକାନ୍ତ ପଣ୍ଡା, ଡକ୍ଟର ବଦ୍ରି ମିଶ୍ର , ଡକ୍ଟର ସଂଗୀତା ଦାସ୍ ଓ ଡାକ୍ତର ସନତ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ଜୀବନଚର୍ଯ୍ୟା, ରୁଚିକର ଯୌନ ଜୀବନ ଆଧାରିତ ସୂଚନା ଦେବା ସହ ଜଙ୍କ୍ ଓ ଫାଷ୍ଟ ଫୁଡ୍ ଠାରୁ ଦୂରରେ ରହି ପୁଷ୍ଟିକର ଖାଦ୍ୟ ଗ୍ରହଣ ଉପରେ ମତ ଉପସ୍ଥାପନ କରିଥିଲେ ।

# ବିଶାଖାପଟ୍ଟନମ୍‌ରେ ଖୋଲିଲା ଭାରତର ଦୀର୍ଘତମ କାଚ ପୋଲ

**ବିଶାଖାପଟ୍ଟନମ୍ ସାଂସଦ ଶ୍ରୀ ଭାରତଙ୍କ ଦ୍ୱାରା ଭାରତର ଦୀର୍ଘତମ କାଣ୍ଟିଲିଭର ଗ୍ଲାସ୍ ସ୍କାଇୱାକ୍ ଭାବେ ପରିଚିତ ଏହି ଚମତ୍କାର ପୋଲ ଔପଚାରିକ ରୂପେ ସାଧାରଣ ଜନତାଙ୍କ ପାଇଁ ଉନ୍ମୋଚିତ ହୋଇଛି ।**

**ନୂଆଦିଲ୍ଲୀ:** ସମୁଦ୍ର ପଉନଠୁ ୧୦୦୦ ଫୁଟ ଉପରେ ଚାଲିବାର ଅନୁଭବ ପାଇବେ ଭାରତୀୟ । ବିଶାଖାପଟ୍ଟନମ୍‌ରେ ନିର୍ମିତ ହୋଇଛି ଭାରତର ଦୀର୍ଘତମ କାଚ ପୋଲ । ମନୋରମ ପ୍ରାକୃତିକ ପରିବେଶ ଓ ଅଭିନବ ଡିଜାଇନ୍ ଏହାର ଆକର୍ଷଣକୁ ବହୁଗୁଣିତ କରିଛି । ବିଶାଖାପଟ୍ଟନମ୍ ସାଂସଦ ଶ୍ରୀ ଭାରତଙ୍କ ଦ୍ୱାରା ଭାରତର ଦୀର୍ଘତମ କାଣ୍ଟିଲିଭର ଗ୍ଲାସ୍ ସ୍କାଇୱାକ୍ ଭାବେ ପରିଚିତ ଏହି ଚମତ୍କାର ପୋଲ ଔପଚାରିକ ରୂପେ ସାଧାରଣ ଜନତାଙ୍କ ପାଇଁ ଉନ୍ମୋଚିତ ହୋଇଛି । କୈଳାସଗିରି ପାହାଡ଼ ଶୀର୍ଷରେ ସୁନ୍ଦର ପ୍ରାକୃତିକ ଦୃଶ୍ୟରାଜି ମଧ୍ୟରେ ଦଣ୍ଡାୟମାନ ଏହି ପୋଲ ଚମତ୍କାର



ଇଞ୍ଜିନିୟରିଂ ଜ୍ଞାନକୌଶଳର ସୁନ୍ଦର ନମୁନା । ଏହା ଆଗନ୍ତୁକଙ୍କ ମନକୁ ଛୁଇଁଲା ଭଳି ଅନୁଭବ ପ୍ରଦାନ କରେ, ଯାହା ସହରକୁ ଜାତୀୟ ରୋମାଞ୍ଚକର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେଇଛି ।

୭ କୋଟି ନିବେଶରେ ନିର୍ମିତ ଏହି ପୋଲ ପର୍ଯ୍ୟଟକଙ୍କ ପାଇଁ ଡିସେମ୍ବର ଛୁଟିଦିନକୁ ଆହୁରି ଉତ୍ସାହଜନକ ଓ ରୋମାଞ୍ଚକର କରିବ । ୫୦ ମିଟର ଲମ୍ବ ଏହି ପୋଲ ଭାରତର ଦୀର୍ଘତମ କାଣ୍ଟିଲିଭର ଗ୍ଲାସ୍ ସ୍କାଇୱାକ୍ । ଅର୍ଥାତ୍ ପୋଲ ପ୍ଲାଟ୍‌ଫର୍ମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ତଳୁ କୌଣସି ସମର୍ଥନ ବିନା ପାହାଡ଼ ମୁହଁରୁ ବାହାରି ରହିଛି, ଯାହା ପବନରେ ଭାସିବା ଭଳି ରୋମାଞ୍ଚ ସୃଷ୍ଟି କରୁଛି । ଭୂମିଠୁ ୮୬୨ ଫୁଟ ଏବଂ ସମୁଦ୍ର ପଉନଠୁ ପ୍ରାୟ ୧୦୦୦ ଫୁଟ ଉଚ୍ଚରେ ଅବସ୍ଥିତ ଏହି ପୋଲର କାଚ ଜରିଆରେ ଗଭୀର ଉପତ୍ୟକା ତଳର ଦୃଶ୍ୟକୁ ସ୍ପଷ୍ଟ ଭାବେ ଦେଖିହେବ । ମୋଟାମୋଟି ପୋଲରୁ ଚତୁଃପାର୍ଶ୍ୱର ସୁନ୍ଦର ଦୃଶ୍ୟକୁ ପରିଦର୍ଶକ ମନଭରି ଉପଭୋଗ କରିପାରିବେ ।

ଫଟୋଗ୍ରାଫର୍ ଓ ରୋମାଞ୍ଚପ୍ରେମୀ ଏଠାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଚମତ୍କାର ଦୃଶ୍ୟ ଦେଖିପାରିବେ । ତେବେ ପୋଲ ନିର୍ମାଣରେ ସୁରକ୍ଷା ଉପରେ ସର୍ବାଧିକ ଧ୍ୟାନ ଦିଆଯାଇଛି । ଉଚ୍ଚ ଗୁଣବତ୍ତାସମ୍ପନ୍ନ, ତ୍ରିସ୍ତରୀୟ, ଜର୍ମାନୀରୁ ଆସିଥିବା ୪୦-ଏମ୍‌ଏମ୍ ଟେମ୍ପର୍ଡ ଲାମିନେଟେଡ୍ କାଚରେ ଏହି ଢାଞ୍ଚା ନିର୍ମିତ ହୋଇଛି । ୪୦ ଟନ୍ ପ୍ରଶସ୍ତ ଷ୍ଟିଲ୍ ଦ୍ୱାରା ଏହାକୁ ମଜଭୁତ କରାଯାଇଛି । ଉକ୍ତ ଅଞ୍ଚଳର ଶକ୍ତିଶାଳୀ ତଟୀୟ ଜଳବାୟୁ, ପବନର ଉଚ୍ଚ ବେଗର ମୁକାବିଲା ଲାଗି ଏହି ପୋଲ ନିର୍ମିତ ହୋଇଛି । ଏହି ସ୍ୱଚ୍ଛ ପ୍ଲାଟ୍‌ଫର୍ମ ଉପରେ ଲୋକେ ଯେମିତି ନିର୍ଭୀକ ହୋଇ, ଶାନ୍ତିରେ ଚାଲିପାରିବେ, ସେଥିପ୍ରତି ପୂରା ଧ୍ୟାନ ଦିଆଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ୧୦-୧୫ ମିନିଟ୍ ଚାଲିବା ପାଇଁ ଗୋଟିଏ ବ୍ୟାଚ୍‌ରେ ୨୦-୪୦ ଜଣଙ୍କୁ ପୋଲରେ ଯିବାକୁ ଅନୁମତି ଦିଆଯିବ । ପୋଲରେ ଭିଡ଼ ନ ବଢ଼ାଇ ପ୍ରାକୃତିକ ଦୃଶ୍ୟରାଜିକୁ ମନଭରି ଉପଭୋଗ କରିବାକୁ ଏପରି ନିଷ୍ପତ୍ତି ନିଆଯାଇଛି ।

## ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ଜୟପୁର:** ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ୧୩ ତାରିଖରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ମା, ସେମିଲିଗୁଡା, ଦଶମନ୍ତପୁର, ଲମତାପୁଟ ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ ) ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ଓ ନିଯୁକ୍ତି ବିବାଦ, ଚେକ ବାଉନ୍ସ, ରାଜସ୍ୱ, ଖାଉଟି ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ ହେଉଅଛି । କେବଳ ବିଚାରାଧିନ ମୋକଦ୍ଦମା ନୁହେଁ, ପ୍ରାକ-ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା ) ବିବାଦର ମଧ୍ୟ ଲୋକ ଅଦାଲତରେ ସମାଧାନ ହୋଇପାରିବ ।

## ରାଶିଫଳ

**ମେଷ:** ମାଙ୍ଗଳିକ କାର୍ଯ୍ୟ ପାଇଁ ଶୁଭଖବର ମିଳିବାରୁ ମନ ଖୁସି ରହିବ । ଆର୍ଥିକ ସମସ୍ୟା ଦୂର ହେବ ଏବଂ ବ୍ୟବସାୟରେ ଲାଭ ମିଳିବ । ପରିବାରରେ ହସଖୁସିରେ ସମୟ ଅତିବାହିତ କରିବେ ଓ ସୁସ୍ୱାଦୁ ଭୋଜନ କରିବେ ।

**ବୃଷ:** ସ୍ୱାସ୍ଥ୍ୟରେ ଉନ୍ନତି ଆସିବାରୁ ମନୋବଳ ବୃଦ୍ଧି ହେବ ଓ ଘରକୁ ବନ୍ଧୁ ଆସିବେ । ବ୍ୟବସାୟରେ ବାକି ପଡିଥିବା ଅର୍ଥ ହାତକୁ ଆସିବାରୁ ଘର ପାଇଁ ନୂତନ ଦ୍ରବ୍ୟ କ୍ରୟ କରିବେ ।ସନ୍ତାନ ମାନଙ୍କର ପାଠପଢ଼ାରେ ଉନ୍ନତି ହେବ ।

**ମିଥୁନ:** କର୍ମକ୍ଷେତ୍ରରେ ମାନସମ୍ମାନ ମିଳିବ ଏବଂ ନୂଆ କାର୍ଯ୍ୟ ପାଇଁ ବନ୍ଧୁଙ୍କର ସହଯୋଗ ଲୋଡିବେ । ସାଂସ୍କୃତିକ କାର୍ଯ୍ୟରେ ଯୋଗ ଦେବା ସହିତ ସୁସ୍ୱାଦୁ ଭୋଜନ କରିବେ । ବ୍ୟବସାୟରେ ଲାଭ ମିଳିବ, ନିର୍ମାଣାଧୀନ କାର୍ଯ୍ୟ ପାଇଁ ସହଯୋଗ ମିଳିବ ।

**କର୍କଟ:** ସାମୂହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢିବା ସମ୍ଭବ ହେବ । ପ୍ରକୃତିସ୍ଥ ହୋଇ ଚଳିଲେ ଦୁର୍ଗତିରୁ ସୁରକ୍ଷିତ ରହିହେବ । ପୁରୁଣା ରୋଗର ପ୍ରକୋପ ବୃଦ୍ଧି ପାଇବା ସହ ଶତ୍ରୁମାନେ ପୁଣି ଥରେ ପଛରେ ପଡ଼ି ପାରନ୍ତି । ଓ ଚାକିରି ପାଇଁ ଦୂରସ୍ଥାନକୁ ଯାତ୍ରା କରିବେ ।

**ସିଂହ:** ଶୁଭ କାମ କରି ପ୍ରଶଂସିତ ହେବେ ଓ ସାହିତ୍ୟଚର୍ଚ୍ଚା, ସଭାସମିତିରେ ସଫଳତା ମିଳିବ । ରାଜନୀତି କ୍ଷେତ୍ରରେ ସହଯୋଗୀ ମାନଙ୍କର ପୂର୍ଣ୍ଣ ସହଯୋଗ ପାଇବେ । ଭାଗିଦାରଙ୍କ ସହ ମିଶି ବ୍ୟବସାୟ ବୃଦ୍ଧି କରିବେ ।

**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ । ପଡୋଶୀମାନେ ସମ୍ମୁଖରେ ପ୍ରଶଂସା କରି ପଛରେ ନିନ୍ଦା କରିପାରନ୍ତି । ବାହନରେ କୌଣସି ଜାଗାକୁ ଯାତ୍ରାକଲେ ସତର୍କତା ଅବଲମ୍ବନ କରିବା ଉଚିତ୍ ।

**ତୁଳା:** ପୁରାତନ ରୋଗ ପ୍ରକୋପର ଉପଶମ ହୋଇ ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ । ଜମିବାଡ଼ି ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ହେବା ଫଳରେ ବଡ କାମ କରିବାକୁ ଇଚ୍ଛା ଜାଗ୍ରତ ହେବ ।

**ବିଛା:** କଳା, ସାହିତ୍ୟ, ଚଳଚ୍ଚିତ୍ର, ସଂଗୀତାଦି କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ବାଦବିବାଦ, ମାଲିମୋକଦ୍ଦମା, ପରୀକ୍ଷା, ପ୍ରତିଯୋଗିତାରେ ସଫଳତା ମିଳିବ । କିନ୍ତୁ ଯାହାର ବେଶି ଉପକାର କରିଥିବେ ତାହାଦ୍ୱାରା ବେଶି ଆଘାତ ପାଇବେ । ଅଧ୍ୟୟନ, ଅଧ୍ୟାପନା ଓ ଅନୁସନ୍ଧାନ ପରି କାର୍ଯ୍ୟରେ ସଫଳତା ଅର୍ଜନ କରି ଆନନ୍ଦିତ ହେବେ ।

**ଧନୁ:** କୌଣସି ବ୍ୟକ୍ତି ପରୋକ୍ଷରେ ଆକ୍ଷେପ କରିପାରନ୍ତି । ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ ସମ୍ମାନ ପ୍ରାପ୍ତିର ଯୋଗ ରହିଛି । ଅସାବଧାନତା କାରଣରୁ କୌଣସି ଜିନିଷ ହଜି ଯାଇପାରେ ।

**ମକର:** ଘରକୁ ବନ୍ଧୁଙ୍କର ଆଗମନ ହେବାରୁ ମନ ଖୁସି ରହିବ ଓ ସୁସ୍ୱାଦୁ ଭୋଜନ କରିବେ । ଦୂରସ୍ଥାନକୁ ଗଲାବେଳେ ସାବଧାନ ସହିତ ଯାଆନ୍ତୁ ଏବଂ କାହାରି ସହିତ କଳହ କରନ୍ତୁ ନାହିଁ । ଛାତ୍ରଛାତ୍ରୀ ପାଠପଢ଼ାରେ ଉନ୍ନତି କରିବେ ।

**କୁମ୍ଭ:** ଆମୋଦପ୍ରମୋଦରେ ସମୟ ଅତିବାହିତ କରିବେ ଓ ସୁସ୍ୱାଦୁ ଭୋଜନ କରିବେ । ବ୍ୟବସାୟରେ ଲାଭ ମିଳିବାରୁ ମନ ଖୁସି ରହିବ ଏବଂ ଭ୍ରମଣ ଯୋଗ ରହିଛି । ମାଙ୍ଗଳିକ କାର୍ଯ୍ୟ ପାଇଁ ଶୁଭଖବର ମିଳିବ ଓ ଘରକୁ ଅତିଥିଙ୍କର ଆଗମନ ହେବ ।

**ମୀନ:** ପାରିବାରିକ ସମସ୍ୟା ଦେଖାଯିବାରୁ ମନରେ ଅସ୍ଥିରତା ବୃଦ୍ଧି ହେବ ଓ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବ । କର୍ମକ୍ଷେତ୍ରରେ ନିଜ ଲୋକ ଅସୁବିଧାରେ ପକାଇ ପାରନ୍ତି ସେଥିପାଇଁ ସତର୍କ ରୁହନ୍ତୁ । ମାଙ୍ଗଳିକ କାର୍ଯ୍ୟ ପାଇଁ ଶୁଭଖବର ନ ମିଳିବାରୁ ମନ ଭଲ ରହିବ ନାହିଁ । ଚାକିରି କ୍ଷେତ୍ରରେ ସଫଳତା ପାଇବେ ।

## ଭାରତ ଯୋଗୁ ଆମେରିକା ଆଜି ମହାଶକ୍ତି ବନିଛି - ଭାରତ ନିଜେ କାହିଁକି ବନିପାରିନାହିଁ ?

ବିଶ୍ୱର ସବୁଠାରୁ ଧନଶାଳୀ ବ୍ୟକ୍ତି ଏଲୋନ୍ ମସ୍କ କହିଛନ୍ତି ଯେ 'ଭାରତୀୟ ପ୍ରତିଭା' ଆମେରିକାକୁ ଏକ ମହାଶକ୍ତି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେ ଏଚ-୧ବି ଭିସାକୁ ନେଇ ଚାଲିଥିବା ବିବାଦ ଉପରେ ମଧ୍ୟ ମତାମତ ଦେଇଥିଲେ। ନିଖିଲ କାମଥଙ୍କ ସହିତ ତାଙ୍କ ପଡକାଷ୍ଟରେ ମସ୍କ ଏହା ପ୍ରକାଶ କରିଛନ୍ତି।

ନିଖିଲ କାମଥଙ୍କ ପଡକାଷ୍ଟରେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲୋନ୍ ମସ୍କ ଏପରି କିଛି କହିଛନ୍ତି, ଯାହା ଆମେରିକା ହୁଏତ କେବେ ଶୁଣିବାକୁ ଚାହୁଁନଥିଲା। ମସ୍କ କହିଛନ୍ତି ଯେ ଆମେରିକାର ପ୍ରଗତିରେ ଏକ ବଡ଼ ଅଂଶ ଭାରତୀୟ ପ୍ରତିଭା ଏବଂ ଗତ କିଛି ଦଶନ୍ଧି ଧରି ଦେଶ ପାଇଥିବା ଲାଭ ଯୋଗୁ। ଏଥିରେ ସବୁଠାରୁ ବଡ଼ ଅବଦାନ ହେଉଛି ଭାରତୀୟମାନଙ୍କର, ଯେଉଁମାନେ ସେଠାକୁ ଯାଇ ଟେକ୍ନୋଲୋଜି କ୍ଷେତ୍ରକୁ ମଜବୁତ କରିଛନ୍ତି। ସତ୍ୟ ନାଡେଲା ଏବଂ ସୁନ୍ଦର ପିଚାଇଙ୍କ ଭଳି ବିଶ୍ୱସ୍ତରୀୟ ପ୍ରତିଭାଧରଙ୍କ ଉଦାହରଣ ଦେଇ ମସ୍କ କହିଛନ୍ତି ଯେ ଏହି ଲୋକମାନେ ସେହି ସମୟରେ ମଧ୍ୟ ଆମେରିକାର ଅର୍ଥନୀତିକୁ ପରିଚାଳନା କରିଥିଲେ, ଯେତେବେଳେ ଦେଶ ବଡ଼ ପରିବର୍ତ୍ତନ ଦେଇ ଗତି କରୁଥିଲା। ତେଣୁ ତାଙ୍କ ଅନୁସାରେ ଯଦି ଆମେରିକା ପ୍ରବାସନକୁ ପ୍ରତିବନ୍ଧିତ କରିବାର ଭୁଲ ନୀତି ଗ୍ରହଣ କରେ, ତେବେ ଏହା ନିଜର ସର୍ବବୃହତ ଶକ୍ତିକୁ ନଷ୍ଟ କରିଦେବ।

ମସ୍କ ମଧ୍ୟ ଏଚ-୧ବି ଭିସା ବିଷୟରେ ଖୋଲାଖୋଲି ଭାବରେ କହିଥିଲେ।ଏହି ବିବୃତି ଏପରି ସମୟରେ ଆସିଛି, ଯେତେବେଳେ ଏଚ-୧ବି ନିୟମକୁ ନେଇ ଆମେରିକାରେ ଏକ ବଡ଼ ରାଜନୈତିକ ବିବାଦ ଦେଖାଦେଇଛି। ରିପବ୍ଲିକାନ୍ କଂଗ୍ରେସର ମହିଳା ସାଂସଦ ମାର୍ଜୋରି ଟେଲର ଗ୍ରୀନ୍ ଏହାକୁ ଉଚ୍ଛେଦ କରିବା ପାଇଁ ଏକ ବିଲ୍ ମଧ୍ୟ ଆଗତ କରିଛନ୍ତି। ଏହା ସିଧାସଳଖ ଭାରତୀୟ ବୃତ୍ତିଗତମାନଙ୍କ ପାଇଁ ବିପଦର ସଙ୍କେତ ଦିଏ, କାରଣ ଏଚ-୧ବି ଭିସା ହେଉଛି ଗ୍ରୀନ୍ କାର୍ଡ ଏବଂ ଶେଷରେ ଆମେରିକୀୟ ନାଗରିକତା ପାଇବାର ଚାବିକାଠି।

ଏଲୋନ୍ ମସ୍କ ଚେତାବନୀ ଦେଇଥିଲେ ଯେ ଯଦିଓ ଏଚ-୧ବି ଅନେକ ସ୍ଥାନରେ ଅପବ୍ୟବହାର କରାଯାଇଛି ଏବଂ ବ୍ୟବସ୍ଥାରେ ସଂସ୍କାର ଆବଶ୍ୟକ, ଏହାକୁ ବନ୍ଦ କରିବା ଅର୍ଥ ଆମେରିକାର ନବସୃଜନ ମେସିନକୁ ବନ୍ଦ କରିଦେବା। ସେ ବିଶ୍ୱାସ କରନ୍ତି ଯେ ଶ୍ରେଷ୍ଠ ପ୍ରତିଭା ସର୍ବଦା ଅଭାବରେ ଥାଏ ଏବଂ ଅନେକ ଆମେରିକୀୟ ଶିଳ୍ପ ଏପରି ବିଦେଶୀ ପ୍ରତିଭା ବିଶେଷ କରି ଭାରତୀୟ ପ୍ରତିଭାଙ୍କ ଉପରେ ନିର୍ଭର କରନ୍ତି। ସୀମା ନିୟନ୍ତ୍ରଣ ଏବଂ ପ୍ରବାସନ ଉପରେ ମସ୍କ କ'ଣ କହିଥିଲେ - ସାକ୍ଷାତକାର ଅବସରରେ ମସ୍କ ମଧ୍ୟ ଆମେରିକୀୟ ସୀମା ନୀତି ବିଷୟରେ ଖୋଲାଖୋଲି ଭାବରେ କହିଥିଲେ। ସେ କହିଥିଲେ ଯେ ବାଇଡେନ୍ ପ୍ରଶାସନ ସମୟରେ ସୀମା ନିୟନ୍ତ୍ରଣ ପ୍ରାୟତଃ ଅଦୃଶ୍ୟ ହୋଇଯାଇଥିଲା, ଯାହା ଫଳରେ ଅବୈଧ ପ୍ରବାସନ ବୃଦ୍ଧି ପାଇଥିଲା। ମସ୍କଙ୍କ ଅନୁଯାୟୀ ଯେତେବେଳେ କୌଣସି ଦେଶର ସୀମା ଦୁର୍ବଳ ହୋଇଯାଏ, ସେତେବେଳେ ଭୁଲ ପ୍ରକାରର ଲୋକମାନେ ବ୍ୟବସ୍ଥାରେ ପ୍ରବେଶ କରନ୍ତି, ଯାହା ଏକ ନକାରାତ୍ମକ ଚୟନ ପ୍ରଭାବ ସୃଷ୍ଟି କରେ। ତଥାପି, ସେ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଭାରତୀୟଙ୍କ ପରି ଉଚ୍ଚ-ଦକ୍ଷ ପ୍ରତିଭାଙ୍କୁ ଭିନ୍ନ ଭାବରେ ବ୍ୟବହାର କରାଯିବା ଉଚିତ। କାରଣ ଏହି ଲୋକମାନେ ଆମେରିକାକୁ ଅବଦାନ ଦେବାକୁ ଆସନ୍ତି, ଅନ୍ୟମାନଙ୍କ ପରି ଏହାକୁ ଶୋଷଣ କରିବାକୁ ନୁହେଁ।

ମସ୍କ କହିଥିଲେ ଯେ ତାଙ୍କର ନିଜସ୍ୱ କମ୍ପାନୀଗୁଡ଼ିକ - ସ୍ପେସ୍କ, ଟେଲସା ଏବଂ ଏକ୍ସ କେବେ ବି ଶସ୍ତା କର୍ମଚାରୀଙ୍କ ପିଛା କରନ୍ତି ନାହିଁ। ସେମାନେ ସର୍ବଦା ସର୍ବୋତ୍ତମ ପ୍ରତିଭା ଖୋଜନ୍ତି ଏବଂ ସେମାନଙ୍କୁ ହାରାହାରି ଦରମାଠାରୁ ଅଧିକ ଦିଅନ୍ତି। ସେ କହିଥିଲେ ଯେ କିଛି ଆଉଟସୋର୍ସିଂ କମ୍ପାନୀ ଐ-୧ଇ କାର୍ଯ୍ୟକ୍ରମକୁ ଏକ ମୂଲ୍ୟ-କାମ ଉପକରଣରେ ପରିଣତ କରିଛନ୍ତି, ଯାହା ଏହାର ପ୍ରତିଛବିକୁ ଖରାପ କରିଛି। ତଥାପି, ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବନ୍ଦ କରିବା କୌଣସି ପ୍ରକାରେ ଯଥାର୍ଥ ନୁହେଁ। ଶେଷରେ ସେ ପୁନରାବୃତ୍ତି କଲେ ଯେ ଆମେରିକା ଅନ୍ୟ ଯେକୌଣସି ଦେଶ ଅପେକ୍ଷା ଭାରତୀୟ ପ୍ରତିଭାରୁ ଅଧିକ ଲାଭ ପାଇଛି। ତେଣୁ ପ୍ରବାସ ସଂସ୍କାର ଆବଶ୍ୟକ, କିନ୍ତୁ ପ୍ରବାସ ବନ୍ଦ କରିବା ବିପର୍ଯ୍ୟୟଜନକ ହେବ।

ମସ୍କ ଯାହା କହିଛନ୍ତି, ତାହା ଶତ ପ୍ରତିଶତ ସତ୍ୟାଧାରିତ। ସ୍ୱାଧୀନତା ପ୍ରାପ୍ତି ପରଠାରୁ ଭାରତରୁ ଯେଉଁ ପ୍ରତିଭା ପଳାୟନ ଆରମ୍ଭ ହେଇଥିଲା, ତାହା ଆଜି ବ୍ୟାପକ ସ୍ତରରେ ପହଞ୍ଚିଯାଇଛି। ଏହାର ଲାଭ ବିଭିନ୍ନ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ବିଶେଷ କରି ଆମେରିକା ପାଇ ଆସି ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନିଜକୁ ଖୁବ୍ ଶକ୍ତିଶାଳୀ କରିଛି, ଯାହା ଫଳରେ ଆମେରିକା ଆଜି ବିଶ୍ୱର ଏକ ନମ୍ବର ମହାଶକ୍ତି ବନିଛି। ଭାରତୀୟ ପ୍ରତିଭାଙ୍କ ପ୍ରତିଭା କାରଣରୁ ଆମେରିକା କେବଳ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନିଜକୁ ଶକ୍ତିଶାଳୀ କରିନାହିଁ, ବରଂ ଏ ସବୁ କ୍ଷେତ୍ରରେ ଶକ୍ତିଶାଳୀ ହେବା ଫଳରେ ଆମେରିକା ଆର୍ଥିକ ସ୍ତରରେ ମଧ୍ୟ ଖୁବ୍ ଶକ୍ତିଶାଳୀ ହୋଇ ସମଗ୍ର ବିଶ୍ୱରେ ରାଜ୍ କରୁଛି। କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଭିସା ନୀତି ଭାରତରୁ ଆମେରିକାକୁ ପ୍ରତିଭା ଆମଦାନୀର ବାଟ ବନ୍ଦ କରିଛି। ଏହା ଫଳରେ ଆମେରିକା ବିଶେଷ ଭାବେ ପ୍ରଭାବିତ ହେବ। ତାହା ସହିତ ଭାରତୀୟ ପ୍ରତିଭାଧରମାନେ ଆମେରିକାରେ ଶିକ୍ଷା ପ୍ରାପ୍ତି ଏବଂ ନିଯୁକ୍ତିର ସୁଯୋଗରୁ ବଞ୍ଚିତ ହେବେ। ତେବେ ସେମାନେ ଆମେରିକା ନ ହେଲେ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକରେ ଶିକ୍ଷା ଏବଂ ନିଯୁକ୍ତିର ସୁଯୋଗ ପାଇବେ। ଏହି ଅବସରରେ ବିଭିନ୍ନ ଧନୀ ୟୁରୋପୀୟ ରାଷ୍ଟ୍ର ଭାରତୀୟ ପ୍ରତିଭାଙ୍କୁ ହାତେଇବା ଲାଗି ରାସ୍ତା ଖୋଲିଦେଲେଣି। ଜର୍ମାନୀ ଏ କ୍ଷେତ୍ରରେ ସବୁ ଠାରୁ ଆଗରେ ଅଛି। ଭାରତୀୟ ପ୍ରତିଭାଧରଙ୍କୁ ଶିକ୍ଷାଦାନ ଆଉ ନିଯୁକ୍ତି ଲାଗି ଜର୍ମାନ ସରକାର ନୂତନ ନୀତି ପ୍ରଣୟନ କରିଛନ୍ତି। ଯଦି ଏପରି ହୁଏ, ତେବେ ଭାରତୀୟ ପ୍ରତିଭାଙ୍କ ପାଇଁ ଜର୍ମାନୀ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନିଜକୁ ଖୁବ୍ ଶକ୍ତିଶାଳୀ କରିପାରିବ ଏବଂ ଦିନେ ବିଶ୍ୱ ମହାଶକ୍ତି ଭାବେ ପ୍ରତିଷ୍ଠିତ କରିପାରିବ। ସେତେବେଳେ ଆମେରିକା ପଶ୍ଚାତାପ କରୁଥିବା, କିନ୍ତୁ ସେଥିରେ ତାକୁ ଆଉ ବାହାର କିଛି ଲାଭ ମିଳିବନାହିଁ।

ତେବେ ସେ ଯାହା ହେଉ, ଏଥରୁ ଆମେରିକା ଲାଭାନ୍ୱିତ ହେଉ କି ଆଉ କୌଣସି ରାଷ୍ଟ୍ର ହେଉ, କିନ୍ତୁ ଭାରତର କିଛି ଲାଭ ନାହିଁ। ବିଦେଶରୁ ଏମାନଙ୍କ ମୋଟା ଦରମାଜନିତ ଡଲାରରେ ଭାରତର ମୁଦ୍ରାକୋଷ କେବଳ ପରିପୁଷ୍ଟ ହେବ, କିନ୍ତୁ ନିଜ ପ୍ରତିଭାଧରଙ୍କ ପ୍ରତିଭାର ଉପଯୋଗରୁ ବଞ୍ଚିତ ହୋଇ ଏହିପରି ପଛରେ ପଡିଥିବ। ଯଦିଓ ଭାରତ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି କରିଛି, ତଥାପି ତାହା ବିଶେଷ ବୋଲି କୁହାଯାଇପାରିବନାହିଁ। ଏଥିଲାଗି ଆମେରିକାକୁ ଭାରତରୁ ପ୍ରତିଭା ପଳାୟନ ରୋକିବାକୁପଡିବ। ଏଥିଲାଗି ଶିକ୍ଷାକ୍ଷେତ୍ରରେ ବିଶେଷ କରି ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବ୍ୟାପକ ଗବେଷଣାମୂଳକ ଶିକ୍ଷା ସଂସ୍କାର ଆଣି ତାହାକୁ ବିଶ୍ୱସ୍ତରୀୟ କରାଯିବା ଉଚିତ। ଏହାପରେ ଶିକ୍ଷା ସମାପ୍ତି ପରେ ସେମାନଙ୍କୁ ଉପଯୁକ୍ତ ନିଯୁକ୍ତି ଦେବାର ବ୍ୟବସ୍ଥା କରିବାକୁ ପଡିବ। ତେବେ ଯାଇ ପ୍ରତିଭାର ସୁରକ୍ଷା ଏବଂ ସଂରକ୍ଷଣ ହୋଇପାରିବ। ଏପରି ହେଲେ ଭାରତ ଦିନେ ବିଜ୍ଞାନ, ପ୍ରଯୁକ୍ତି ସହିତ ଆର୍ଥିକ ସ୍ତରରେ ଖୁବ୍ ଶକ୍ତିଶାଳୀ ହୋଇ ବିଶ୍ୱର ମହାଶକ୍ତି ବନିପାରିବ।

## 'ସୁଅ ମୁହଁରେ ପତର'ର ସ୍ରଷ୍ଟା : ପ୍ରାଣବନ୍ଧୁ କର

**ଅଲେଖ ଚନ୍ଦ୍ର ସାମଲ**

ଆଧୁନିକ କାଳର ବିଶିଷ୍ଟ ଓଡ଼ିଆ ସାହିତ୍ୟିକଙ୍କ ମଧ୍ୟରେ ପ୍ରାଣବନ୍ଧୁ କର ଅନ୍ୟତମ। ସେ ଥିଲେ ଏକାଧାରରେ କବି, ଗାଳ୍ପିକ ଓ ନାଟ୍ୟକାର। ଆଦ୍ୟ କୈଶୋରରେ ବିଦ୍ୟାଳୟରେ ପଢୁଥିବା ବେଳେ ତାଙ୍କ କବି ପ୍ରତିଭା ସହ ଶିକ୍ଷକମାନେ ପରିଚିତ ହୋଇଥିଲେ ଏବଂ ଅଧିକରୁ ଅଧିକ ଲେଖିବା ପାଇଁ ତାଙ୍କୁ ଉତ୍ସାହିତ କରିଥିଲେ। ପ୍ରାଣବନ୍ଧୁ ସ୍ନାତକ ଉତ୍ତୀର୍ଣ୍ଣ ହେବା ପରେ ସଚିବାଳୟର କିରାଣି ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ହେଲେ ସେଥିରେ ମନ ଲାଗି ନଥିଲା। ତାଙ୍କ ପିତା ଚିନ୍ତାମଣି କର ଥିଲେ ଶିକ୍ଷକ। ପରବର୍ତ୍ତୀ କାଳରେ ପିତାଙ୍କ ଭଳି ସେ ମଧ୍ୟ ଶିକ୍ଷକତାକୁ ବୃତ୍ତି ଭାବେ ଗ୍ରହଣ କରିଥିଲେ। ବିଭିନ୍ନ ସରକାରୀ ସ୍କୁଲରେ ସେ ଶିକ୍ଷକତା କରିବା ସହ ଘରୋଇ ଭାବେ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର କରି ଶିକ୍ଷକରୁ ପାଲଟିଥିଲେ ଅଧ୍ୟାପକ। ଶିକ୍ଷା ବିଭାଗରେ ବିଭିନ୍ନ ପଦ ପଦବୀରେ ସେ କିଛି କିଛି କାଳ ଅବସ୍ଥାପିତ ହୋଇଥିବା ଜଣାଯାଏ। ରାଭେନ୍ସା ମହାବିଦ୍ୟାଳୟରେ ତାଙ୍କ ଚାକିରି ଜୀବନ ପରିସମାପ୍ତି ଘଟିଥିଲା ଏବଂ ସେ ଅବସର ନେଇଥିଲେ। ଜୀବନରେ ତାଙ୍କ ଲେଖନୀ ସର୍ବଦା ସକ୍ରିୟ ଥିଲା ଏବଂ ଅବସର ପରେ ମଧ୍ୟ ଅଟକି ନଥିଲା।

ସେ ଶତାଧିକ କ୍ଷୁଦ୍ରଗଳ୍ପ, ଏକାଙ୍କିକା, ନାଟକର ସ୍ରଷ୍ଟା। 'ସୁଅ ମୁହଁରେ ପତର', 'ନିଶୀଥର ପ୍ରେତାତ୍ମା', 'ଷଣ୍ଢ ଲଢ଼େଇ', 'ମଶା', 'ରାଣୀ', 'ପଦ୍ମା', 'ସେମାନେ ବି ତ ମଣିଷ', 'ଏ ପୃଥିବୀ ନୁହେଁ' ଆଦି ତାଙ୍କର କେତେକ ଶ୍ରେଷ୍ଠ ଗଳ୍ପ। ପ୍ରାଣବନ୍ଧୁ ନିଜର ନାଟ୍ୟ ପ୍ରତିଭା ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମି, ସଂଗୀତ ନାଟକ ଏକାଡ଼େମୀ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ। ତାଙ୍କର ବହୁଗଳ୍ପ ନାଟକ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ପଢ଼ାଯାଉଛି। ତାଙ୍କ ସାହିତ୍ୟ କୃତି ସଂପର୍କରେ ଆଉ ଏକ ଉଲ୍ଲେଖନୀୟ କଥା ହେଉଛି, ସେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମାଟିର ମଣିଷ, ଫକୀରମୋହନ ସେନାପତିଙ୍କ ମାମୁଁ, ପ୍ରାୟଶ୍ଚିତ ଓ ଛଅମାଣ ଆଠ ଗୁଣ୍ଠ, ହରେକୃଷ୍ଣ ମହତାବଙ୍କ ଟାଉଟର, ଫତୁରାନନ୍ଦଙ୍କ ନାକଟା ଚିତ୍ରକର, ଆଦିକୁ ନାଟ୍ୟ ରୂପ ଦେଇଥିଲେ। ୧୯୧୪ ଡିସେମ୍ବର ଆଜିର ଦିନରେ ବାଙ୍କୀ ଅନ୍ତର୍ଗତ ଡମପଡ଼ାରେ ଜନ୍ମ ହୋଇଥିଲେ ଏହି ମହାନ ସାହିତ୍ୟିକ।

*ପୂର୍ବତନ ଡିଏଫଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୬୭୧୨*

# ମହିଳା, ସେବା କାର୍ଯ୍ୟ ଏବଂ ଆର୍ଥିକ ଅଭିବୃଦ୍ଧି: ଓଏସଏଚ କୋଡ୍, ୨୦୨୦ର ପରିବର୍ତ୍ତନକାରୀ ସମ୍ଭାବନା

ଭାରତର ଦୀର୍ଘକାଳୀନ ଆର୍ଥିକ ଅଭିବୃଦ୍ଧିର ମୂଳ ଭିତ୍ତି ହେଉଛି ଶ୍ରମ ବଜାରରେ ମହିଳାମାନଙ୍କର ସୁଦୃଢ଼ ଏବଂ ସମ୍ପୂର୍ଣ୍ଣ ସମାବେଶ। ଆଜିକାଲି ନୀତି ନିର୍ଦ୍ଧାରକ ଓ ବିଶ୍ୱ ପ୍ରତିଷ୍ଠାନଗୁଡ଼ିକ ମହିଳା ଅର୍ଥନୈତିକ ଅଂଶଗ୍ରହଣର ପରିବର୍ତ୍ତନଶୀଳ ଶକ୍ତିକୁ ସ୍ପଷ୍ଟଭାବେ ଆଲୋଚନାର କେନ୍ଦ୍ରବିନ୍ଦୁରେ ରଖୁଛନ୍ତି। ଏହି ପରିପ୍ରେକ୍ଷୀରେ ଦେଶ ଧୀରେଧୀରେ ଏକ ଉତ୍ସାହଜନକ ଗତି ଓ ସକାରାତ୍ମକ ପରିବର୍ତ୍ତନର ଅଭିମୁଖୀ ହେଉଛି। ଯଦିଓ ୨୦୨୪ ମସିହାରେ ଭାରତର ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର (ଏଲଏଫପିଆର) ୩୨.୮ ପ୍ରତିଶତ ଥିଲା, ଯାହା ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ) ଦ୍ୱାରା ରିପୋର୍ଟ କରାଯାଇଥିବା ବିଶ୍ୱ ଏଲଏଫପିଆର ୪୮.୯ ପ୍ରତିଶତ ଏବଂ ପୂର୍ବ ଏସିଆର ୫୯.୨ ପ୍ରତିଶତ ତୁଳନାରେ କମ୍, ତଥାପି ମହିଳା ନିଯୁକ୍ତିର ସାମ୍ପ୍ରତିକ ଧାରା ବୃଦ୍ଧି ପାଉଛି, ଯାହା ଗ୍ରାମୀଣ ଏବଂ ସହରାଞ୍ଚଳ ଉଭୟକୁ ଏହାର ପହଞ୍ଚ ବିସ୍ତାର କରୁଛି। ଭାରତରେ ଶ୍ରମଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣ ଦୀର୍ଘ ଦିନ ଧରି ବିଭିନ୍ନ ସାମାଜିକ-ଆର୍ଥିକ ଏବଂ ସାଂସ୍କୃତିକ ପ୍ରତିବନ୍ଧକ, ବିଶେଷ କରି ଘରୋଇ ସେବାଯତ୍ନ ଦାୟିତ୍ୱ ଦ୍ୱାରା ବାଧାପ୍ରାପ୍ତ ହୋଇଛି। ତଥାପି ସାମ୍ପ୍ରତିକ ସରକାରୀ ପଦକ୍ଷେପଗୁଡ଼ିକ ଏହି କ୍ଷେତ୍ରରେ ଏକ ସକାରାତ୍ମକ ପରିବର୍ତ୍ତନ ଘଟାଇବାର ସୂଚନା ପ୍ରଦାନ କରେ। ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି (ଓଏସଏଚ) କୋଡ୍, ୨୦୨୦, ସମାଯୋଜନମୂଳକ ଅଭିବୃଦ୍ଧି ଦିଗରେ ଭାରତର ଯାତ୍ରାରେ ଏକ ମାଇଲଖୁଣ୍ଟ ପ୍ରତିନିଧିତ୍ୱ କରେ। ଏହା ଅସୁରକ୍ଷିତ କର୍ମକ୍ଷେତ୍ର ଏବଂ ସୀମିତ ଆଇନଗତ ସୁରକ୍ଷାର ସମ୍ମୁଖୀନ ହେଉଥିବା ଲକ୍ଷ ଲକ୍ଷ ମହିଳାଙ୍କ ନିମନ୍ତେ କାର୍ଯ୍ୟ ପରିସରକୁ ସୁରକ୍ଷା ପ୍ରଦାନପୂର୍ବକ ବ୍ୟାପକ ଅସମାନତାକୁ ସମାଧାନ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ। ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ସୁରକ୍ଷା ନିମନ୍ତେ ନିରୂପିତ ମାନ ନିର୍ଦ୍ଧାରଣ ପାଇଁ ପଦକ୍ଷେପ ସ୍ଥାପନ କରି ଓଏସଏଚ କୋଡ୍ ଏକ ନିୟାମକ ଢାଞ୍ଚା ଏବଂ ଲିଙ୍ଗଗତ ସମାନ ବିସ୍ତାର ପାଇଁ ଏକ ପ୍ରୋତ୍ସାହକ ଭାବରେ କାର୍ଯ୍ୟ କରେ। ବିଶ୍ୱବ୍ୟାପୀ ଅଭିଜ୍ଞତା ଦର୍ଶାଏ ଯେ ବୃତ୍ତିଗତ ସୁରକ୍ଷା ଏବଂ ଲିଙ୍ଗ-ସମ୍ବେଦନଶୀଳ ସଂସ୍କାରଗୁଡ଼ିକ କର୍ମଶକ୍ତି ଅଂଶଗ୍ରହଣକୁ ବୃଦ୍ଧି କରେ। ଭିଏତନାମର ୨୦୧୯ ଶ୍ରମ କୋଡ୍, ଯାହା ମାତୃତ୍ୱ ସୁରକ୍ଷା ଏବଂ କର୍ମକ୍ଷେତ୍ର ସୁରକ୍ଷାକୁ ବିସ୍ତାର କରିଥିଲା, ମହିଳା ପ୍ରତିଧାରଣ ଏବଂ ରପ୍ତାନୀର ପ୍ରତିଯୋଗିତାକୁ ଉନ୍ନତ କରିଥିଲା। ସେହିପରି ମାଲେସିଆର ୨୦୨୨ ନିଯୁକ୍ତି ସଂଶୋଧନ ପ୍ରମୁଖ ଶିଳ୍ପଗୁଡ଼ିକରେ ଆନୁଷ୍ଠାନିକ କାର୍ଯ୍ୟ ସହିତ ପରିବାର ଦାୟିତ୍ୱକୁ ସନ୍ତୁଳିତ କରିବାରେ ସହାୟକ ହୋଇଥିଲା। ଭାରତ ପାଇଁ, ଏହି ଉଦାହରଣଗୁଡ଼ିକ ମୂଲ୍ୟବାନ ଶିକ୍ଷା ପ୍ରଦାନ କରେ। ମେକ୍ ଇନ୍ ଇଣ୍ଡିଆ ଏବଂ ବିକଶିତ ଭାରତ ୨୦୪୭ ଭଳି ପଦକ୍ଷେପଗୁଡ଼ିକ ସକାଶେ ଏକ ଉତ୍ପାଦନକ୍ଷମ, ସମାବେଶୀ କର୍ମଶକ୍ତି ଆବଶ୍ୟକ। ଓଏସଏଚ କୋଡର ସୁରକ୍ଷା କମିଟି, ବିଶ୍ରାମ ସୁବିଧା ଏବଂ କ୍ରେଚ୍ ପାଇଁ ବ୍ୟବସ୍ଥା ନିଯୁକ୍ତି ପ୍ରତିବନ୍ଧକକୁ ହ୍ରାସ କରିପାରିବ, ଯେତେବେଳେ ଏହାର ସାର୍ବଜନୀନ ଉପଯୋଗକ୍ଷମ ଅନିଶ୍ଚିତ ଏବଂ ଅନୌପଚାରିକ କ୍ଷେତ୍ରରେ ମହିଳାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପ୍ରଦାନ କରେ।

### ଭାରତରେ ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣର ସ୍ଥିତି

ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ନିଷ୍ପାଦନ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଅବଧିକାଳୀନ ଶ୍ରମ ଶକ୍ତିର ସର୍ବେକ୍ଷଣ (ପିଏଲଏଫଏସ) ୨୦୨୩-୨୪ର ସଦ୍ୟତମ ରିପୋର୍ଟ ଅନୁସାରେ, ୨୦୨୩-୨୪ ମସିହାରେ ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ୪୧.୭ ପ୍ରତିଶତକୁ ବୃଦ୍ଧି ପାଇଛି - ୨୦୧୭-୧୮ ମସିହାରେ ରେକର୍ଡ କରାଯାଇଥିବା ୨୩.୩ ପ୍ରତିଶତ ଠାରୁ ଏହା ଯଥେଷ୍ଟ ମାତ୍ରାର ଅଧିକ ବୋଲି କୁହାଯାଇପାରେ। ଉଲ୍ଲେଖନୀୟ ପ୍ରଗତି ହାସଲ କରାଯାଇଥିବା ସତ୍ତ୍ୱେ, ଏ ଦିଗରେ ଆହୁରି ଅନେକ ଆହ୍ୱାନ ମଧ୍ୟ ରହିଛି - ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଅବୈତନିକ ଘରୋଇ ସେବା ଏବଂ ପରିବାରର ସଦସ୍ୟମାନଙ୍କ ନିମନ୍ତେ ଅବୈତନିକ ଯତ୍ନ ସେବାକୁ ଗ୍ରହଣ କରାଯାଇପାରେ। ଉଚ୍ଚ ଶିକ୍ଷାଗତ ଉନ୍ନତି ସତ୍ତ୍ୱେ ଏପରି ବିରୋଧାଭାସ ଅଦ୍ୟାବଧି ରହିଛି, ଯେଉଁଥିରେ ତୃତୀୟକ ଶିକ୍ଷାରେ ମହିଳା ନାମଲେଖା ବୃଦ୍ଧି ଏବଂ ସାକ୍ଷରତା ବ୍ୟବଧାନ ହ୍ରାସ ପାଇଛି। ଏହି ଧାରା, ଯାହାକୁ ପ୍ରାୟତଃ 'ମହିଳାକରଣରେ ୟୁ- କର୍ଭ' ବୋଲି ନାମିତ କରାଯାଏ, ଯାହା ସୂଚାଇଥାଏ ଯେ ପୁନରୁଦ୍ଧାର ପୂର୍ବରୁ ଆର୍ଥିକ ପରିବର୍ତ୍ତନ ସମୟରେ ଏଥିରେ ଅଂଶଗ୍ରହଣ ମାତ୍ରା ହ୍ରାସ ପାଏ। ତଥାପି, ଭାରତ ଏକ ବ୍ୟତିକ୍ରମ ଭାବରେ ଉଭା ହେବାର ଆଶଙ୍କା ରହିଛି; ଲଗାତାର ଭାବରେ କମ୍ ଅଂଶଗ୍ରହଣ ମଧ୍ୟମ ଆୟ ଅର୍ଥନୀତିକୁ ପରିବର୍ତ୍ତନକୁ ଦୁର୍ବଳ କରିପାରେ ଏବଂ ଏହାର ଜନସାଂଖୀକ ଲାଭାଂଶରେ ମଧ୍ୟ ବାଧା ଉପୁଜାଇପାରେ।

### ଅବୈତନିକ ଯତ୍ନ କାର୍ଯ୍ୟର ଭୂମିକା

ଆର୍ଥିକ ଅଂଶଗ୍ରହଣ ପାଇଁ ଏକ ମୁଖ୍ୟ ପ୍ରତିବନ୍ଧକ ହେଉଛି ଅବୈତନିକ ଯତ୍ନ କାର୍ଯ୍ୟର ଅସମାନ ବୋଝ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନଏସଓ)ର ସମୟ ବ୍ୟବହାର ସର୍ଭେ (୨୦୨୪) ତା'ର ରିପୋର୍ଟରେ ଦର୍ଶାଇଛି ଯେ ଭାରତୀୟ ମହିଳାମାନେ ପୁରୁଷମାନଙ୍କ ପାଇଁ ଏକ ଘଣ୍ଟା ୧୫ ମିନିଟ୍ ତୁଳନାରେ ପ୍ରତିଦିନ ଦୁଇ ଘଣ୍ଟା ୧୭ ମିନିଟ୍ ଅବୈତନିକ ଯତ୍ନରେ ବିତାଇଥାଆନ୍ତି। ବିଶ୍ୱବ୍ୟାପୀ ୭୬ ପ୍ରତିଶତ ମହିଳା ଅବୈତନିକ ସେବାଯତ୍ନ କ୍ଷେତ୍ରରେ କାର୍ଯ୍ୟ କରନ୍ତି, କିନ୍ତୁ ଭାରତରେ ଅପର୍ଯ୍ୟାପ୍ତ ଶିଶୁ ଯତ୍ନ ଭିତ୍ତିଭୂମି ଏବଂ ସାଂସ୍କୃତିକ ଆଶା ଯୋଗୁଁ ଏହି ବୋଝ ଅଧିକ। ଭାରତର ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ର ମୂଲ୍ୟବାନ ୧୫-୧୭ ପ୍ରତିଶତ, ଏହି ଅବୈତନିକ ଶ୍ରମ ଆନୁଷ୍ଠାନିକ ପରିସଂଖ୍ୟାନରେ ଅଦୃଶ୍ୟ ରହିଛି। ଏହି ଅସମାନତା ଅନେକ ମହିଳାଙ୍କୁ ଚାକିରି ସୁଯୋଗ ପ୍ରତ୍ୟାଖ୍ୟାନ କରିବାକୁ କିମ୍ବା ଘର ପାଖରେ କମ୍ ଦରମା, ଅନୌପଚାରିକ ଭୂମିକା ଗ୍ରହଣ କରିବାକୁ ବାଧ୍ୟ କରେ। ଏହା ବ୍ୟତୀତ, ମାତୃତ୍ୱ ଏବଂ ଯତ୍ନ ପାଇଁ କ୍ୟାରିୟର ବାଧା ଜୀବନକାଳର ରୋଜଗାରକୁ ହ୍ରାସ କରେ, ଏକ ସ୍ଥାୟୀ 'ଯତ୍ନ ଦଣ୍ଡ' ସୃଷ୍ଟି କରେ ଯାହା ଦୀର୍ଘକାଳୀନ ଆର୍ଥିକ ସଶକ୍ତିକରଣକୁ ସୀମିତ କରେ।

### ଓଏସଏଚ ଶ୍ରମ ସଂହିତାର ପରିବର୍ତ୍ତନଶୀଳ ସମ୍ଭାବନା

ଓଏସଏଚ ସଂହିତା, ୨୦୨୦, ୧୩ ଶ୍ରମ ଆଇନକୁ ଏକୀକୃତ କରେ, ୧୦ କିମ୍ବା ଅଧିକ କର୍ମଚାରୀ ଥିବା ସମସ୍ତ ପ୍ରତିଷ୍ଠାନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମାନକୀକରଣ କରିଥାଏ। ଏହା ନିଯୁକ୍ତି ଏବଂ ଯତ୍ନ କାର୍ଯ୍ୟର ସନ୍ଧିସ୍ଥଳରେ ଥିବା ପ୍ରତିବନ୍ଧକଗୁଡ଼ିକୁ ସିଧାସଳଖ ସମାଧାନ କରେ। ମାତୃତ୍ୱ ଲାଭ


ରଚନା ମେହରା

(ସଂଶୋଧନ) ଆଇନ, ୨୦୧୭ ସହିତ ସମନ୍ୱୟ ରଖି, ଏହି ସଂହିତା ମାତୃତ୍ୱ ଅଧିକାର ଉପରେ ଗୁରୁତ୍ୱ ଦିଏ ଏବଂ କର୍ମଶକ୍ତି ପ୍ରତିରୋଧକୁ ସହଜ କରିବା ପାଇଁ ନର୍ସିଂ ବିରତି ସୁନିଶ୍ଚିତ କରେ। ଗୁରୁତ୍ୱପୂର୍ଣ୍ଣ ଭାବରେ, ଏହି ସଂହିତା ଚୁକ୍ତିନାମା ଏବଂ ଅସ୍ଥାୟୀ କର୍ମଚାରୀମାନଙ୍କୁ ଏକ ସମାନ ସୁରକ୍ଷା ଛତ୍ରଛାୟା ତଳେ ଆଣି, ନିର୍ମାଣ, କୃଷି ଏବଂ ଘରୋଇ କାର୍ଯ୍ୟରେ ମହିଳାମାନଙ୍କୁ ଲାଭ ପହଞ୍ଚାଇ ଅନୌପଚାରିକ କ୍ଷେତ୍ରରେ ସମାନତାକୁ ପ୍ରୋତ୍ସାହିତ କରେ। ନିଯୁକ୍ତି ଏବଂ କାର୍ଯ୍ୟ ପରିସ୍ଥିତିରେ କୌଣସି ଭେଦଭାବବିହୀନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରି, ଏହା କାର୍ଯ୍ୟକ୍ଷେତ୍ରଗୁଡ଼ିକୁ ସୁରକ୍ଷିତ ଏବଂ ଐତିହାସିକ ଭାବରେ ମହିଳାମାନଙ୍କୁ ବାଦ୍ ଦେଇଥିବା ଲିଙ୍ଗଗତ ଆହ୍ୱାନଗୁଡ଼ିକ ପ୍ରତି ଅଧିକ ପ୍ରତିକ୍ରିୟାଶୀଳ କରିଥାଏ।

### ବିଶ୍ୱ ତୁଳନା ଏବଂ ଶିକ୍ଷା

ଅନ୍ୟ କ୍ଷେତ୍ରରୁ ପ୍ରମାଣ ନିଶ୍ଚିତ କରେ ଯେ ଲିଙ୍ଗ-ସମ୍ବେଦନଶୀଳ ଓଏସଏଚ ଢାଞ୍ଚା ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ଉତ୍ପ୍ରେରକ ଅବା ଲିଭର। ସ୍ୱିଡେନ ଏବଂ ଆଇସଲ୍ୟାଣ୍ଡ କାର୍ଯ୍ୟକ୍ଷେତ୍ର ସୁରକ୍ଷା, ସବସିଡିଯୁକ୍ତ ଶିଶୁ ଯତ୍ନ ଏବଂ ପିତାମାତାଙ୍କ ଛୁଟିକୁ ଏକୀକୃତ କରି ସାମାଜିକ ସୁରକ୍ଷା ଢାଞ୍ଚା ମାଧ୍ୟମରେ ମହିଳା କର୍ମଶକ୍ତି ଅଂଶଗ୍ରହଣ ହାର ୭୦ପ୍ରତିଶତରୁ ଅଧିକ ହାସଲ କରନ୍ତି। ଜାପାନ ଏବଂ ଦକ୍ଷିଣ କୋରିଆ କାର୍ଯ୍ୟକ୍ଷେତ୍ର ସୁରକ୍ଷା ଏବଂ କ୍ରେଚ୍ ସୁବିଧାଗୁଡ଼ିକୁ ବିସ୍ତାର କରି ଧୀରେ ଧୀରେ ମହିଳାମାନଙ୍କ ଏଲଏଫପିଆରକୁ ଉନ୍ନତ କରୁଛନ୍ତି। ଆଫ୍ରିକାର ଉପ ସାହାରା କ୍ଷେତ୍ରରେ, କୃଷିରେ ଆଇନଗତ ସୁରକ୍ଷା ମହିଳା ଅଂଶଗ୍ରହଣକୁ ୭୦ ପ୍ରତିଶତ ଆଡ଼କୁ ଠେଲି ଦେଇଛି। ଲାଟିନ୍ ଆମେରିକୀୟ ରାଷ୍ଟ୍ରଙ୍କ ଉଦାହରଣକୁ ବିଚାର କଲେ ଦେଖାଯିବ ଯେପରିକି ଚିଲି ଏବଂ ଉରୁଗୁଏ ଭଳି ରାଷ୍ଟ୍ର ଦର୍ଶାଏ ଯେ, ରାଷ୍ଟ୍ର ଆର୍ଥିକ ପ୍ରୋତ୍ସାହନରେ ପରିଚାଳିତ ଶିଶୁ ଯତ୍ନ ଶିଶୁ ବିକାଶକୁ ବଳିଦାନ ନ ଦେଇ ମହିଳା ନିଯୁକ୍ତିକୁ ଏହା ବୃଦ୍ଧି କରୁଛି। ଭାରତ ଭଳି ରାଷ୍ଟ୍ର ସକାଶେ, ଏହି ଶିକ୍ଷାଗୁଡ଼ିକ ଦୃଢ଼ କରେ ଯେ ଓଏସଏଚ ସୁରକ୍ଷା ଯତ୍ନ ଭିତ୍ତିଭୂମି ନିବେଶ ସହିତ ମିଶ୍ରିତ ପରିବର୍ତ୍ତନକାରୀ ଫଳାଫଳ ଆଣିବାକୁ ସକ୍ଷମ ହୋଇପାରିବ।

### ମହିଳା ସମାଯୋଜନ ନିମନ୍ତେ ଆର୍ଥିକ ଯୁକ୍ତି

ମହିଳାମାନଙ୍କଙ୍କ ଅଂଶଗ୍ରହଣକୁ ପ୍ରାଥମିକତା ଦେବା ଏକ ସାମଗ୍ରିକ ଆର୍ଥିକ ଆବଶ୍ୟକତା। ମ୍ୟାକକିନସେ ଗ୍ଲୋବାଲ୍ ଇନଷ୍ଟିଚ୍ୟୁଟ୍ ପକ୍ଷରୁ କରାଯାଇଥିବା ଆକଳନ ଦର୍ଶାଏ ଯେ ଲିଙ୍ଗଗତ ବୈଷମ୍ୟ ପ୍ରତିପୂରଣ କରିବା ନିମନ୍ତେ ୨୦୨୫ ମସିହା ସୁଦ୍ଧା ବିଶ୍ୱ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ରେ ୧୨ ଟ୍ରିଲିୟନ ଡଲାର ଯୋଡ଼ିପାରେ, ଯେଉଁଥିରୁ କେବଳ ଭାରତ ପ୍ରାୟ ୭୭୦ ବିଲିୟନ ଡଲାର ଫାଇଦା ହାସଲ କରିବ - ଯାହା ମୂଳ ଆକଳନ ଠାରୁ ୧୮ ପ୍ରତିଶତ ଅଧିକ ବୃଦ୍ଧି। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମଏଫ) ଉଲ୍ଲେଖ କରିଛି ଯେ, ଅଂଶଗ୍ରହଣ ବ୍ୟବଧାନକୁ ସଙ୍କୁଚିତ କରିବା ସାମଗ୍ରିକ ଘରୋଇ ଉତ୍ପାଦକୁ ୩୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସକ୍ଷମ। ମହିଳା ନିଯୁକ୍ତି ମଧ୍ୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଏବଂ ଶିକ୍ଷାରେ ଅଧିକ ନିବେଶ ମାଧ୍ୟମରେ ଆନ୍ତଃ-ପିଢ଼ିଗତ ମାନବ ପୁଞ୍ଜିକୁ ମଜଭୁତ କରିଥାଏ। ମହିଳାମାନଙ୍କୁ ପ୍ରଭାବଶାଳୀ ଶକ୍ତି ଭାବରେ ସଂଯୋଜିତ କରିବାରେ ବିଫଳ ହେବା ଫଳରେ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ବ୍ୟୟ ହୋଇଥାଏ, ଯାହା ଭାରତର ସମ୍ଭାବ୍ୟ ଜନସଂଖ୍ୟାଗତ ଲାଭାଂଶକୁ ଦୁର୍ବଳ କରିଥାଏ।

### ସମାଯୋଜନ ସେତୁ ଭାବରେ ଓଏସଏଚ କୋଡ୍

ଓଏସଏଚ କୋଡ୍ ମହିଳାମାନଙ୍କ ଅନ୍ତର୍ଭୁକ୍ତିକୁ କେବଳ ଏକ କଲ୍ୟାଣକାରୀ ପଦକ୍ଷେପ ପରିବର୍ତ୍ତେ ଏକ ଆର୍ଥିକ ଜରୁରୀକାଳୀନ ସ୍ଥିତି ଭାବରେ ଉପସ୍ଥାପିତ କରେ। ସଂରଚନିକ ବିପଦକୁ ସମାଧାନ କରି ଏବଂ ବୈଷମ୍ୟକୁ ଦୂର କରି, ସଂହିତା ନିରାପଦ, ନମନୀୟ କର୍ମକ୍ଷେତ୍ର ସୁନିଶ୍ଚିତ କରି ପରସ୍ପର ସହିତ ସଂଘର୍ଷକୁ ହ୍ରାସ କରେ। ଅନୌପଚାରିକ କ୍ଷେତ୍ରକୁ ସୁରକ୍ଷା ବିସ୍ତାର କରିବା ଫଳରେ ଆନୁଷ୍ଠାନିକ ନିଯୁକ୍ତିକୁ ପରିବର୍ତ୍ତନକୁ ପ୍ରୋତ୍ସାହିତ କରାଯାଏ। ଏକ ବିବିଧ, ସୁରକ୍ଷିତ କର୍ମଶକ୍ତି ଉତ୍ପାଦନ ଏବଂ ସାମଗ୍ରିକ ଆର୍ଥିକ ସ୍ଥିରତାକୁ ସଦୃଢ଼ କରେ, ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ (ଏସଡିଜି)-୫ (ଲିଙ୍ଗଗତ ସମାନତା) ଏବଂ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ (ଏସଡିଜି)- ୮ (ସମାନ କାର୍ଯ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି) ସହିତ ସମନ୍ୱୟ ରକ୍ଷା।

### ଭବିଷ୍ୟତର ମାର୍ଗ

ଓଏସଏଚ ସଂହିତା, ୨୦୨୦, ଏକ ଦୀର୍ଘକାଳୀନ, ଲିଙ୍ଗ-ସମାବେଶୀ ଅଭିବୃଦ୍ଧି ନିମନ୍ତେ ରଣନୈତିକ ଲିଭର ଭଳି କାର୍ଯ୍ୟ କରିଥାଏ। ଏହାର ସମ୍ଭାବନାକୁ ସାକାର କରିବା ପାଇଁ, ଏହାକୁ ଏକ ଇକୋସିଷ୍ଟମ ମଧ୍ୟରେ କାର୍ଯ୍ୟ କରିବାକୁ ପଡିବ ଯାହା କାର୍ଯ୍ୟକ୍ଷେତ୍ର ପରିସ୍ଥିତି ଏବଂ ଯତ୍ନ ବୋଝ ଉଭୟକୁ ସମାଧାନ କରିବାକୁ ସମ୍ପୂର୍ଣ୍ଣ ଭାବରେ ସକ୍ଷମ। ଶିଶୁ ଯତ୍ନ ଭିତ୍ତିଭୂମିକୁ ସୁଦୃଢ଼ କରିବାର ଏକ ପ୍ରମୁଖ ସ୍ତମ୍ଭ; ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ) ଏବଂ ଜାତୀୟ କ୍ରେଚ୍ ଯୋଜନା ଭଳି ପଦକ୍ଷେଦଗୁଡ଼ିକୁ ସମ୍ପ୍ରସାରଣ କାର୍ଯ୍ୟକୁ ନିଶ୍ଚିତ କରିପାରିବ ଯେ, ମହିଳାମାନଙ୍କୁ ଯତ୍ନ ଏବଂ ନିଯୁକ୍ତି ମଧ୍ୟରେ ଗୋଟିକୁ ବାଛିବାକୁ ବାଧ୍ୟ କରାଯାଇ ପାରିବନାହିଁ। ଯେତେବେଳେ ସଂହିତା ଆନୁଷ୍ଠାନିକ କର୍ମଚାରୀମାନଙ୍କୁ ସୁରକ୍ଷା ଦିଏ, ଅସଂଗଠିତ କ୍ଷେତ୍ରରେ ମହିଳାମାନଙ୍କୁ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି) ଭଳି ସୁବିଧା ପାଇଁ ବିସ୍ତାରିତ ପ୍ରବେଶ ଆବଶ୍ୟକ। ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଜଣାଇବା ସକାଶେ ତୃଣମୂଳ ସ୍ତରରେ ସଚେତନତା ଅଭିଯାନ ଅତ୍ୟାବଶ୍ୟକ। ନିଯୁକ୍ତିଦାତାମାନଙ୍କୁ ମଧ୍ୟ ଲିଙ୍ଗ-ସମ୍ବେଦନଶୀଳ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ପାଇଁ ଅଂଶୀଦାର ଭାବରେ ନିୟୋଜିତ କରାଯିବା ଆବଶ୍ୟକ, ଯେଉଁଥିରେ ନମନୀୟ ସମୟସୂଚୀ ଏବଂ ଶ୍ରମଦକ୍ଷତା ଡିଜାଇନ୍ ସାମିଲ। ବିଶ୍ୱ ଅଭିଜ୍ଞତା ନିଶ୍ଚିତ କରେ ଯେ ଯତ୍ନ ଭିତ୍ତିଭୂମି ସହିତ ସମନ୍ୱିତ ଦୃଢ଼ ଓଏସଏଚ ଢାଞ୍ଚା ଅର୍ଥନୈତିକ ଅଂଶଗ୍ରହଣ ଏବଂ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)କୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରେ। ଭାରତ ପାଇଁ, ଜନସଂଖ୍ୟାଗତ ଏବଂ ସଂରଚନିକ ପରିବର୍ତ୍ତନକୁ ନେଭିଗେଟ୍ କରିବା ପାଇଁ, ଏହି ସମନ୍ୱୟ ଏକାନ୍ତ କାମ୍ୟ। ଅନ୍ତର୍ଭୁକ୍ତ ନୀତି ଦ୍ୱାରା ସମର୍ଥିତ ଓଏସଏଚ କୋଡର ଦ୍ରୁତ କାର୍ଯ୍ୟାନ୍ୱୟନ, ମହିଳା କର୍ମଚାରୀଙ୍କ ସମ୍ଭାବନାକୁ ସହଜସାଧ୍ୟ କରିବ, ଆତ୍ମନିର୍ଭର ଭାରତରଦୃଷ୍ଟିକୋଣକୁ ଆଗକୁ ଅଗ୍ରସର ହେବ ଏବଂ ଏକ ପ୍ରତିଯୋଗିତାମୂଳକ, ସ୍ଥିର ଅର୍ଥନୀତିକୁ ସୁନିଶ୍ଚିତ କରିବ।

(ଲେଖକ ଅରବିନ୍ଦ ଲିମିଟେଡ୍, ଗୁଜରାଟର ଗ୍ରୁପ୍-ଏଚ.ଆର ମୁଖ୍ୟ ଭାବରେ କାର୍ଯ୍ୟରତ)

# ଆଦିକବି

**ଅକ୍ଷୟ କୁମାର ରାଉତ**

ସାରଳା ଦାସ ଅବିଭକ୍ତ କଟକ ଜିଲ୍ଲାର ଜଙ୍ଘେରପୁରସ୍ଥିତ କନକବତୀପାଟଣା ନିକଟସ୍ଥ ଚନ୍ଦ୍ରଭାଗା ନଦୀକୂଳରେ ଥିବା ସାରୋଳ ବା କାଳିନାଗ ଗ୍ରାମରେ ପଂଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଜଣେ ପ୍ରଧାନ କୃଷିକାରୀ ଓ ଗ୍ରାମୀଣ ବ୍ୟକ୍ତି ଥିଲେ। ବାଲ୍ୟକାଳରେ ସାରଳା ଦାସଙ୍କର ନାମ ଥିଲା ସିଦ୍ଧେଶ୍ୱର ପରିଡା (ସାଇଁ) ପିତା, ମାତା ଓ ଚାରିଭାଇଙ୍କ ସହିତ ନିଜର ବାଲ୍ୟ, ଶୈଶବ ଓ ଯୌବନ ଜୀବନ ଅତିବାହିତ କରିଥିଲେ। ତାଙ୍କର ବଡ଼ଭାଇ ପର୍ଶୁରାମ ପରିଡା ଜଙ୍ଘେରପୁର ନିକଟରେ ପ୍ରବାହିତ ହେଉଥିବା ଚନ୍ଦ୍ରଭାଗା ନଦୀର ଘାଟ ନେଇଥିଲେ। ପରଅବସ୍ଥାରେ ପର୍ଶୁରାମ ପରିଡା କନକପୁରକୁ ଉଠିଆସି ଘରଟିଏ କରି ରହିଲେ। କିନ୍ତୁ ସିଦ୍ଧେଶ୍ୱର ସାରଳା ମା'ଙ୍କ ଚରଣାବିନ୍ଦରେ ଗଭୀର ଭକ୍ତି ଢ଼ାଳିଦେଇ ସେବାରତ ଥିଲେ। ସେ ସମୟରେ ଚାଟଶାଳୀର ସୁବିଧାନଥିବାରୁ ନିଜ ଚେଷ୍ଟାରେ ଅଧ୍ୟୟନ କରିଥିଲେ। ଓଡିଆରେ ମିଳୁଥିବା କୋଇଲି ଚଉତିଶା ଅନ୍ୟ କେତେ ଖଣ୍ଡ କ୍ଷୁଦ୍ର କବିତା ପଢ଼ିଥିଲେ। ଏତିକିରେ ତାଙ୍କର ଶିକ୍ଷାଜୀବନର ପରିସମାପ୍ତି ଘଟିଥିଲା।

ସିଦ୍ଧେଶ୍ୱର ଯୌବନରେ ପଦାର୍ପଣ କଲାପରେ, ଗୀତ ରଚନା କରି ନିଜେ ଗୀତ ବୋଲୁଥିଲେ। ପରଅବସ୍ଥାରେ ପୌରାଣିକ କାହାଣୀଗୁଡିକ ଶୁଣି, ପୁରାଣ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସଂସ୍କୃତ ଶିଖି ନଥିବା ଅପଣ୍ଡିତ ସିଦ୍ଧେଶ୍ୱର ସଂସ୍କୃତ ପଢ଼ିବା ଓ ଲେଖିବା ଏକ ଆଶ୍ଚର୍ଯ୍ୟ ଘଟଣା ଥିଲା। ବିଲରେ ଚାଷ ପାଇଁ ହଳ ବୁଲାଉଥିବା ସମୟରେ ସିଦ୍ଧେଶ୍ୱର ସୁନ୍ଦର ଗୀତ ନିଜ ମନରୁ ରଚନାକରି ବୋଲନ୍ତି। ଏହି ସମୟରେ ସେ ଆତ୍ମହରା ହୋଇପଡନ୍ତି। ସେ 'ମନାଇ ଚଉତିଶା' ନାମକ ଏକ ଗୀତ ରଚନା କରିଥିଲେ। ଦିନକର ଘଟଣା ସିଦ୍ଧେଶ୍ୱର ହଳ ବୁଲାଉଥାନ୍ତି ଓ ଗୀତ ବୋଲୁଥାନ୍ତି, କିନ୍ତୁ ପଦ ମନେପଡିଲା ନାହିଁ। ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କର ସେହି ଗୀତର ପଦ ମନେପଡିଲା ନାହିଁ। ଅତି ବିଚଳିତ ଅବସ୍ଥାରେ ତାଙ୍କର ଇଷ୍ଟଦେବୀ ସାରଳାଙ୍କୁ ମନେପକାଇଲେ। ମା ସାରଳା ଭକ୍ତ ଅନ୍ତରର ଭକ୍ତି ମାଧ୍ୟମରେ ଏକ ନାରୀ ମୂର୍ତିଟି ହୋଇ ସିଦ୍ଧେଶ୍ୱରଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ "ତୁ ଗୀତ ବନ୍ଦକଲୁ କାହିଁକି ? ମୁଁ ତୋ ଗୀତ ଶୁଣୁଥିଲି, ତୁ ଗୀତ ବୋଲି ଚାଲେ ସବୁ ମନେପଡିଯିବ। ତୋ ଗୀତ ମୋତେ ବହୁତ ଭଲଲାଗେ, ତୁ ମହାଭାରତ ରଚନା କରିପାରିବୁ, ଏହା କହି ନାରୀ ମୂର୍ତ୍ତିଟି ଅନ୍ତର୍ଦ୍ଧାନ ହୋଇଗଲେ।

ସେ ସମୟରେ ଓଡିଶାର ଗଜପତି ଥିଲେ ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ। ତାଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଲମ୍ବିଥିଲା। ସିଦ୍ଧେଶ୍ୱର ମା ସାରଳାଙ୍କ ପୂଜା ଅର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ। ଅନୁମାନ କରାଯାଏ ସିଦ୍ଧେଶ୍ୱର କପିଳେନ୍ଦ୍ର ଦେବଙ୍କ ସୈନ୍ୟ ବିଭାଗରେ ଯୋଗଦେଇ ବିଭିନ୍ନ ଯୁଦ୍ଧର ଅନୁଭୂତିକୁ ପରଅବସ୍ଥାରେ ମହାଭାରତରେ ବର୍ଣ୍ଣନା କରିଥିଲେ। ସୈନ୍ୟଦଳରୁ ଆସି ପୁରୀର ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିକାଳ ଅବସ୍ଥାନ କରିଥିଲେ। ସେ ସମୟରେ ସଂସ୍କୃତ ପଣ୍ଡିତମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା। ପୁରୀରେ ସଂସ୍କୃତ କାବ୍ୟ ଓ ନାଟକ ଚର୍ଚ୍ଚାରେ ସିଦ୍ଧେଶ୍ୱରଙ୍କୁ କେହି ଅଂଶଗ୍ରହଣ କରାଇ ଦେଉନଥିଲେ। ଏହିପରି ଅସହାୟ ମୂହୂର୍ତରେ ଇଷ୍ଟଦେବୀ ସାରଳା ସିଦ୍ଧେଶ୍ୱରଙ୍କୁ ଅଭୟ ପ୍ରଦାନକରି ଆଦେଶ ଦେଲେ "ତୁ ଯାଇ ନୀଳ କଳ୍ପବଟ ମୂଳେ ବସିବୁ, ଯାହା ଉପରୁ ଶୁଭିବ ତୁ ଲେଖିବୁ"।



ସେତେବେଳକୁ ସିଦ୍ଧେଶ୍ୱର, ସାରଳା ଦାସ ନାମରେ ପରିଚିତ ହେଲେ। ମହାଭାରତ ରଚନାରେ ମନନିବେଶ କଲେ। କଳ୍ପବଟମୂଳରେ ମହାଭରତର ଆଠଗୋଟି ପର୍ବଶେଷ କରି ସାରିଥିଲେ। ପୁରୀ ଛାଡି ସେ କୋଣାର୍କରେ ଏକ ବଟବୃକ୍ଷ ମୂଳରେ ଯୋଗସାଧନ କଲେ ଓ ମହାଭାରତ ରଚନା କଲେ। ତାଙ୍କର ଲିଖିତ ମହାଭାରତରେ ଅନ୍ୟ ପଣ୍ଡିତ ମାନେ "ହାତୀ ବାର ଯୁଣ ତାର ଘଂଟି ବାର ଯୁଣ" ବର୍ଣ୍ଣନାକୁ ତ୍ରୁଟି ରୂପେ ଦର୍ଶାଇଥିଲେ। ହସ୍ତୀ ହେଲା ଦେବତା ଯୁଣରେ ଓ ଘଂଟି ହେଲ ମାନବ ଯୁଣରେ। ଏହାପରେ ପଣ୍ଡିତମାନେ ନିଜଭୂଲ୍ ବୁଝିପାରି କବିଙ୍କ ରଚିତ ମହାଭାରତକୁ ଗ୍ରନ୍ଥରୂପେ ସ୍ଥାନଦେଲେ ଓ ଶୂଦ୍ର ମୁନି ବୋଲି ସମ୍ମାନିତ କଲେ। ଏହି ସମ୍ବାଦ କପିଳେନ୍ଦ୍ର ଦେବଙ୍କ ନିକଟରେ ପହଂଚିଲା। ଗଜପତି ରାଜା ସିଦ୍ଧେଶ୍ୱରଙ୍କୁ ସାଇଁ ପରିବର୍ତ୍ତେ ପରିଡା ଉପାଧିରେ ଭୂଷିତ କରାଇ ଝଙ୍କଡ ଆଦି କେତେ ଗ୍ରାମ ନିଷ୍କର ବୃତ୍ତି ରୂପେ ପ୍ରଦାନ କରିଥିଲେ।

ପୁରୀରେ କିଛି ଦିନ ଅତିବାହିତ ହେବାପରେ କବି ସାରଳା ଦାସ ନିଜର ଜନ୍ମଭୂମିକୁ ଫେରିଆସିବା ବାଟରେ କଟକ ତୁଳସୀପୁରରେ କିଛି ଦିନ ରହିଲେ। ଦୈନିକ ମା କଟକ ଚଣ୍ଡୀଙ୍କୁ ଦର୍ଶନ କରନ୍ତି ଓ ନିଜ ରଚିତ ମହାଭାରତ ଦେବୀଙ୍କ ନିକଟରେ ପଢ଼ନ୍ତି। ଏହି ଗ୍ରନ୍ଥ ପାଠ ଶୁଣିବାପାଇଁ ବହୁ ଶ୍ରୋତା ମା ଚଣ୍ଡୀଙ୍କ ଠାରେ ରୁଣ୍ଡ ହୁଅନ୍ତି। ତାଙ୍କର ସାରସ୍ୱତ ସାଧନା ହିଁ ପ୍ରତ୍ୟେକ ଓଡିଆ ଜାତି ପାଇଁ ଅମଳିନ ପ୍ରେରଣା ହୋଇ ରହିଗଲା। ସେ ଆମ ଜାତିର ଗୌରବ, ସ୍ରଷ୍ଟା ଆଉ ଦ୍ରଷ୍ଟା। ସେ କେବଳ ଜଣେ ସିଦ୍ଧ ସାଧକ ନୁହଁନ୍ତି, ଭକ୍ତ ନୁହଁନ୍ତି, କବି ରୂପେ ତାଙ୍କୁ ଚିରଦିନ ଜାତି ପୂଜା କରିବ। ଆଜୀବନ ସେ ଯେଉଁ ଅଖଣ୍ଡସାଧନ କରିଛନ୍ତି ତାହା ହିଁ ତାଙ୍କୁ ଅମର କରିବ। ତାଙ୍କ ଜୀବନର ଏକ ବିସ୍ମୟକର ଓ ରହସ୍ୟମୟ କାହାଣୀ କୁହେ - ଦିନେ ସାରଳାଦାସ ବିଲରେ ହଳ କରୁଥିବା ସମୟରେ, ଏକ ରାଜକନ୍ୟାର ବିବାହ ଉପଲକ୍ଷେ ରାଜକର୍ମଚାରୀମାନେ ସାରଳାଦାସଙ୍କ ନିକଟରେ ପହଁଚିଲେ। ତାଙ୍କର ଗୁଣ ଓ ବୁଦ୍ଧି ରାଜକର୍ମଚାରୀମାନଙ୍କୁ ମୁଗ୍ଧ କରିଥିଲା। ସାରଳାଦାସଙ୍କୁ ସେମାନେ ରାଜଦରବାରକୁ ଘେନିଗଲେ, ବିବାହର ଆୟୋଜନ କଲେ। କାଠ ଓ ବାଉଁଶଙ୍କୁ ଦେଖି ଚାଷୀ ସିଦ୍ଧେଶ୍ୱର ମନେମନେ ବହୁତ ଖୁସୀ ହେଉଥାନ୍ତି। ରାଜକନ୍ୟା ସିଦ୍ଧେଶ୍ୱରଙ୍କୁ ବନ୍ଦାପନା କରିବା ସମୟରେ, ସିଦ୍ଧେଶ୍ୱର ଭୟରେ ଖଟ ତଳେ ଲୁଚିଗଲେ। ସିଦ୍ଧେଶ୍ୱରଙ୍କର ଏହି ପରି କାର୍ଯ୍ୟରେ ରାଜକନ୍ୟା କ୍ରୋଧନ୍ୱିତା ହୋଇ ମୁର୍ଖ, ଅଧମ ବୋଲି କହି ଅନ୍ତଃପୁରକୁ ପଳାଇଲେ। ସିଦ୍ଧେଶ୍ୱର ରାଜକୁମାରୀଙ୍କ କଟୁମନ୍ତବ୍ୟରେ ଦୁଃଖିତ ହୋଇ ମା' ସାରଳାଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇଲେ। 'ମା' ପ୍ରସନ୍ନ ହୋଇ କହିଲେ ସିଦ୍ଧେଶ୍ୱର ତୁ ଚିନ୍ତା କରନାହିଁ, ତୁ ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ। ସେହି ଲେଖନୀରେ କଳ୍ପବଟ ମୂଳ ବସି ଚିନ୍ତାକଲେ ତୋତେ ସବୁ ଦୃଶ୍ୟମାନହେବ। ଏହି ଘଟଣାଟି ସିଦ୍ଧେଶ୍ୱରଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତନ ଆଣିଥିଲା।

'ମା'ଙ୍କ ଦତ ଲେଖନୀ ସାହାର୍ଯ୍ୟରେ ସାରଳାଦାସ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ଓ ବହୁତ ସୁନ୍ଦର ସୁନ୍ଦର ଗଳ୍ପ ସୃଷ୍ଟି କରିଥିଲେ। ଗଳ୍ପଗୁଡିକ ହେଲା ବାବନା ଭୂତ, ଗଙ୍ଗା-ଶାନ୍ତନୁ ବିବାହ, ଭୀମ ରାଜାର କଥା, ନବଗୁଞ୍ଜର କଥା, ଭାରତ ଯୁଦ୍ଧର ଭରତିଆ ପକ୍ଷୀକଥା, କୁନ୍ତୀ ଗାନ୍ଧାରୀର ଶିବପୂଜା କଥା, ଅର୍ଜ୍ଜୁନର ବରପ୍ରାପ୍ତି କଥା ଓ ପାର୍ବତୀଙ୍କ କୋପ କଥା ପ୍ରଭୃତି ଗଳ୍ପଗୁଡିକ ଜନଜୀବନକୁ ବେଶ୍ ପ୍ରଭାବିତ କରିଛି। ଏହି ନିରହଙ୍କାର ସିଦ୍ଧ କବିଙ୍କ ଶେଷ ଜୀବନ ଇଷ୍ଟଦେବୀ ସାରଳା ଦେବୀଙ୍କ ନିକଟରେ କଟାଇଥିଲେ। ସେ ନିଜର ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କ ଠାରୁ ସମସ୍ତ ସାଂସାରିକ ବନ୍ଧନ ତ୍ୟାଗକରି 'ମା'ଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ। ସାରଳାଦାସ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଥିଲେ। ଶାସ୍ତ୍ର ବିଚାରକରି ଜାଣି ପାରିଥିଲେ ଯେ ମାଘସପ୍ତମୀ ଦିନ ଦେହ ଛାଡିବାକୁ ହେବ। ତେଣୁ ଅକ୍ଷତ, ଗୋଟାଗୁଆ, ନଡିଆ, ପାନ, ତିଳ, ଗଙ୍ଗାଜଳ, ଗଙ୍ଗାମାଟି ସହ ଘିଅ ଦୀପ ସାରଳାଦାସ ନିଜ ସମ୍ମୁଖରେ ରଖି ତେନ୍ତୁଳିପଦା ବନ୍ଧମୁଣ୍ଡାର ବୃଦ୍ଧାନଦୀ କୂଳରେ ମାଘ ଶୁକ୍ଳ ପ୍ରତିପଦଠାରୁ ସମାଧିସ୍ତ ହେଲେ। ମାଘ ସପ୍ତମୀ ସକାଳକୁ ଗୋଟିଏ ଘଡଘଡି ଶବ୍ଦ ହେଲା ଓ ଦୀପଟି ମଧ୍ୟ ଲିଭିଗଲା। ଏହା ହିଁ ଥିଲା ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କର ଅନ୍ତିମ ଯାତ୍ରା। ଆଜି ତାଙ୍କ ନାମାନୁସାରେ ମୁନି ଗୋସାଇଁ ମଠ କୁହାଯାଉଛି। ଏହି ସମାଧିର ଭଗ୍ନାବଶେଷ ନିକଟରେ ଏକ ବରଗଛ ଅଛି। ତାଙ୍କର ଲୌକିକତା, ଜନଜୀବନର ସଂସ୍କାର ଓ ପ୍ରତିଭାର ମୋହିନୀ ଶକ୍ତି ବଳରେ ଯୁଗଯୁଗ ପାଇଁ ଅମର ସୃଷ୍ଟି ମହାଭାରତରେ ଜୀବନ୍ତ କରି ଦେଇଗଲେ। ତେଣୁ ଆଜି ଓଡିଶାର ଜନତା ସେହି ଶୂଦ୍ରକବିଙ୍କୁ ଆଦିକବି ରୂପେ ପୂଜାଅର୍ଘ୍ୟ ଦେଇଥାନ୍ତି।

**ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର**

**୯୯୩୭୬୯୧୪୭୫**

# ବିନା କ୍ରିମ୍‌ରେ ପ୍ରସ୍ତୁତ କରନ୍ତୁ ସୁଆଦିଆ ମ୍ୟାଙ୍ଗୋ ଆଇସକ୍ରିମ୍



ଖାଆନ୍ତୁ ଓ ଖୁଆନ୍ତୁ

**ଆବଶ୍ୟକ ସାମଗ୍ରୀ:** କ୍ଷୀର -୨ କପ୍, ଚିନି-୧ କପ୍, ମିଲ୍କ ପାଉଡର- ଅଧା କପ୍, କର୍ଣ୍ଣଫ୍ଲୋର- ୧ ଚାମଚ୍, ବଡ଼ ଆମ୍ବ-୨ଟି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ କ୍ଷୀର ଦୁଇ କପ୍ ପକାନ୍ତୁ। ଏହାପରେ ସେଥିରେ ଚିନି ଗୋଟିଏ କପ୍, ମିଲ୍କ ପାଉଡର ଅଧା କପ୍, କର୍ଣ୍ଣଫ୍ଲୋର ୧ ଚାମଚ୍ ପକାଇ ଘାଣ୍ଟନ୍ତୁ । ଏହାକୁ ଗ୍ୟାସ୍‌ରେ ବସାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ । ଗ୍ୟାସ୍‌କୁ ସିମ୍ କରିଦେଇ ମିଶ୍ରଣକୁ ଅଧା ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଅଧା ହୋଇଗଲେ ଗ୍ୟାସ୍ ବନ୍ଦ କରି ତାହାକୁ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ । ଏହା ମଧ୍ୟରେ ଆମ୍ବର ରସ ବାହାର କରି ତାହାକୁ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ସେଥିରେ ଉକ୍ତ ମିଶ୍ରଣକୁ ପକାଇ ଆଉ ଥରେ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହାପରେ ତାହାକୁ ଏକ ପାତ୍ରରେ ବାହାର କରି ସେଟ୍ କରି ଦିଅନ୍ତୁ। ତା' ଉପରେ ଛୋଟ ଛୋଟ ଆମ୍ବ ଖଣ୍ଡ ଓ ଡ୍ରାଏ ଫ୍ରୁଟ୍ସ ଦେଇ ଫ୍ରିଜରରେ ରଖି ଦିଅନ୍ତୁ।

ପ୍ରାୟ ୪ ଘଣ୍ଟା ପରେ ବାହାର କରି ଥଣ୍ଡା ଥଣ୍ଡା ସର୍ଭ କରନ୍ତୁ ମ୍ୟାଙ୍ଗୋ ଆଇସକ୍ରିମ। ଏହା ଖୁବ୍ କମ୍ ଖର୍ଚ୍ଚରେ ପ୍ରସ୍ତୁତ ହେଉଥିବା ବେଳେ ଖାଇବାକୁ ବି ସୁଆଦିଆ ।

# ଗିଙ୍ଗ୍‌ହମ୍ ଫ୍ୟାଶନ୍

ଏବେ ଫ୍ୟାଶନ୍‌ପ୍ରେମୀ ଯୁବପିଢ଼ିଙ୍କ ପାଇଁ ଗିଙ୍ଗ୍‌ହମ୍ ଆଉଟ୍‌ଫିଟ୍ ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ। ଏହା ସବୁ ସିଜନ୍‌ରେ ପିନ୍ଧିଲେ ଭଲ ଲାଗିବା ସହ କ୍ଲାସି ଲୁକ୍ ମଧ୍ୟ ଦେଇଥାଏ। ହେଲେ ୱିଣ୍ଟର ୱିୟର ଭାବେ ଏହା ୟୁନିକ୍ ଲୁକ୍ ଦେଇଥାଏ। ତେବେ ଏହାର ବଢୁଥିବା ଡିମାଣ୍ଡକୁ ଆଖି ଆଗରେ ରଖି ବର୍ତ୍ତମାନ ମାର୍କେଟ୍‌ରେ ଗିଙ୍ଗ୍‌ହମ୍ ପ୍ରିଣ୍ଟର ଡ୍ରେସ୍‌ଠାରୁ ଆରମ୍ଭ କରି ୱାନ୍ ସାଇଡ୍ ବ୍ୟାଗ୍ ପର୍ଯ୍ୟନ୍ତ ସବୁର କଲେକ୍ସନ ପାଇପାରିବେ...



ଯଦି ଆପଣଙ୍କୁ ଚେକ୍ ଷ୍ଟାଇଲ୍‌ର ଡ୍ରେସ୍ ପିନ୍ଧିବାକୁ ବହୁତ ପସନ୍ଦ, ତେବେ ଗିଙ୍ଗ୍‌ହମ୍ ଫ୍ୟାଶନ୍ ଟ୍ରାଏ କରନ୍ତୁ। ଏମିତିକି ଆପଣ ଯଦି ଏହାକୁ ଅଫିସ୍ ପାଇଁ କ୍ୟାରି କରୁଛନ୍ତି, ଏଥିରେ ଆପଣ କ୍ଲାସି ଲୁକ୍ ପାଇବେ।

ଡେଲି ୱିୟର କିମ୍ବା ଅଫିସ୍ ପାଇଁ ଯଦି କିଛି ସିମ୍ପଲ ଏବଂ କମ୍ଫର୍ଟ ଲୁକ୍ ଦେଉଥିବା ପ୍ୟାଣ୍ଟ କିମ୍ବା ଲେଗିନ୍ସ କ୍ୟାରି କରିବାକୁ ଚାହୁଁଛନ୍ତି, ତେବେ ଗିଙ୍ଗ୍‌ହମ୍ ପ୍ରିଣ୍ଟର ପ୍ୟାଣ୍ଟ ଟ୍ରାଏ କରନ୍ତୁ। କଟନ୍ କିମ୍ବା ଉଲେନ୍ ମ୍ୟାଟେରିଆଲରେ ମଧ୍ୟ ଏହି ପ୍ରିଣ୍ଟ ଉପଲବ୍ଧ। ତେବେ ସ୍ମାର୍ଟ ଦେଖାଯିବା ପାଇଁ ଏଥିରେ ଲଙ୍ଗ୍ ଜ୍ୟାକେଟ୍ କିମ୍ବା ଶ୍ରଗ୍ ପିନ୍ଧି ପାରିବେ।

ଶୀତଦିନେ ଜ୍ୟାକେଟ୍ କ୍ୟାରି କରୁଥିଲେ ଥଣ୍ଡାରୁ ଉପଶମ ସହ ଷ୍ଟାଇଲିଶ୍ ଲୁକ୍ ପାଇଁ ଗିଙ୍ଗ୍‌ହମ୍ ପ୍ରିଣ୍ଟର ଜ୍ୟାକେଟ୍ ଟ୍ରାଏ କରନ୍ତୁ। ଏହାର ହାଇ ଏବଂ ମିଡିୟମ୍ ନେକ୍ ଜ୍ୟାକେଟଠାରୁ ଆରମ୍ଭ କରି ଲଙ୍ଗ୍ କୋର୍ଟ ମଧ୍ୟ ଉପଲବ୍ଧ। ଏହି ଲୁକ୍‌ରେ ଫୁଟ୍‌ୱେର୍ୟା ପାଇଁ ବୁଟ୍ ମ୍ୟାଚ୍ କରିପାରିବେ। ଶୀତଦିନେ ଆଉଟିଂ ଲାଗି ଫ୍ୟାଶନେବୁଲ୍ ସ୍ୱେଟର ଡ୍ରେସ୍ ବାଛୁଥିଲେ ଗିଙ୍ଗ୍‌ହମ୍ ପ୍ରିଣ୍ଟ୍‌ର ସ୍ୱେର୍ଟ କ୍ୟାରି କରନ୍ତୁ। ଏହି ସ୍ୱେର୍ଟ୍ ସହ ଲଙ୍ଗ୍ ନି ହାଇ ବୁଟସ୍ ପେୟାର୍ କରିପାରିବେ।...

ନିଜ ଆଉଟ୍‌ଫିଟ୍‌ରେ ଗିଙ୍ଗ୍‌ହମ୍ ପ୍ରିଣ୍ଟ୍‌ର ଆସେସରିଜ୍ କ୍ୟାରି କରିବାକୁ ଚାହୁଁଥିଲେ ଗିଙ୍ଗ୍‌ହମ୍ ସ୍କାର୍ଫକୁ ଟିମ୍‌ଅପ୍ କରିପାରିବେ। ଟି-ଶାର୍ଟଠାରୁ ଆରମ୍ଭ କରି ଜ୍ୟାକେଟ୍ ପର୍ଯ୍ୟନ୍ତ ଏହି ସ୍କାର୍ଫ ଆପଣଙ୍କୁ କ୍ଲାସି ଲୁକ୍ ଦେବ। ଆଉଟିଂ ହେଉ କି ଅଫିସ୍ ଅବା ପାର୍ଟିରେ ୟୁନିକ୍ ଲୁକ୍ ପାଇଁ ଗିଙ୍ଗ୍‌ହମ୍ ପ୍ରିଣ୍ଟ୍‌ର ହ୍ୟାଣ୍ଡ ବ୍ୟାଗ୍ କ୍ୟାରି କରିପାରିବେ। ଏହି ଷ୍ଟାଇଲ୍ ଛୋଟ ହ୍ୟାଣ୍ଡ ବ୍ୟାଗ୍‌ଠାରୁ ଆରମ୍ଭ କରି ଓର୍ଭ୍‌ସାଇଜ୍ ବ୍ୟାଗ୍ ଯାଏ ମାର୍କେଟରେ ଉପଲବ୍ଧ। ତେବେ ଧ୍ୟାନରଖନ୍ତୁ, ଏହି ଗିଙ୍ଗ୍‌ହମ୍ ଆସେସରିଜ୍ କ୍ୟାରି କରୁଥିଲେ ଏହି ପ୍ରିଣ୍ଟ୍‌ର ଆଉଟ୍‌ଫିଟ୍ ବଦଳରେ ସିଙ୍ଗଲ୍ କଲରର ଆଉଟ୍‌ଫିଟ୍ ବାଛନ୍ତୁ ଅଧିକ ଆଇକ୍ୟାଚି ଲାଗିବ।

# ଫ୍ଲୋରାଲ ଜ୍ୟାକେଟ୍



**ଫ୍ଲୋରାଲ ଜ୍ୟାକେଟ୍ ଏମିତି ଏକ ଆଉଟ୍‌ଫିଟ୍; ଯାହା ଶୀତଦିନେ ଆକର୍ଷଣୀୟ ଲୁକ୍ ଦେବା ସହିତ ଶୀତ ଦାଉରୁ ମଧ୍ୟ ସୁରକ୍ଷା ଦେଇଥାଏ । ସେଥିପାଇଁ ଏହାର ଚାହିଦା ଖୁବ୍ ରହିଥାଏ ।**

ଫ୍ଲୋରାଲ୍ ଜ୍ୟାକେଟ୍ ଏମିତି ଏକ ଆଉଟ୍‌ଫିଟ୍; ଯାହା ସବୁ ପ୍ରକାରର ଲୁକ୍‌ସକୁ ଖୁବ୍ ସୁନ୍ଦର ମାନିଥାଏ । ତେଣିକି ସେ ପାର୍ଟି ଲୁକ୍ ହେଉ ଅଥବା ଅଫିସ୍ ଲୁକ୍ । ସେଥିପାଇଁ ଫ୍ଲୋରାଲ୍ ଜ୍ୟାକେଟକୁ ଭର୍ସସାଇଟ୍ ପିସ୍ ବୋଲି ବି କୁହାଯାଏ; ଯାହା ଯୁବତୀଙ୍କୁ ରିଫ୍ରେଶିଂ ଲୁକ୍ ଦେଇଥାଏ । ତେବେ ପରଫେକ୍ଟ ଲୁକ୍ ପାଇଁ ଏହି ଫ୍ଲୋରାଲ୍ ଜ୍ୟାକେଟକୁ ସଠିକ୍ ଭାବେ ଷ୍ଟାଇଲ୍ କରିବା ବି ନିହାତି ଜରୁରୀ; ଜାଣନ୍ତୁ ସେ ନେଇ କିଛି ଟିପ୍ସ....

**ବାକି ଆଉଟ୍‌ଫିଟ୍‌କୁ ସିମ୍ପଲ ରଖିବେ:** ଯେହେତୁ ଫ୍ଲୋରାଲ୍ ଜ୍ୟାକେଟ୍ ଲୁକ୍‌ସକୁ ଇନ୍‌ଷ୍ଟାଣ୍ଟ ଚେଞ୍ଜ୍ କରିଥାଏ; ତେଣୁ ଏ କ୍ଷେତ୍ରରେ ବାକି ଆଉଟ୍‌ଫିଟ୍‌କୁ ବାଲାନ୍ସ କରି ପିନ୍ଧିବା ନିହାତି ଜରୁରୀ ହୋଇଥାଏ । ଉଦାହରଣ ସ୍ୱରୂପ, ପ୍ଲେନ୍ ହ୍ୱାଇଟ୍ ଅଥବା ବ୍ଲାକ୍ ଟପ୍ସ କିମ୍ବା ଶାର୍ଟ ସାଙ୍ଗକୁ ଫିଟେଡ୍ ଟ୍ରାଉଜର୍ କିମ୍ବା ସିମ୍ପଲ୍ ପେନ୍‌ସିଲ୍ ସ୍କର୍ଟକୁ ପେୟାର୍ କରି ତା' ସାଙ୍ଗରେ ଫ୍ଲୋରାଲ୍ ଜ୍ୟାକେଟ୍ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ । ଧ୍ୟାନଦେବେ ଫ୍ଲୋରାଲ୍ ଜ୍ୟାକେଟ୍ ଟ୍ରାଏ କଲାବେଳେ ଦେଖିବେ ଆପଣଙ୍କ ବେସ୍ ଆଉଟ୍‌ଫିଟ୍ ଯେମିତି ହ୍ୱାଇଟ୍, ବେଜ୍ ଅଥବା ଗ୍ରେ ଭଳି ନ୍ୟୁଟ୍ରାଲ୍ କଲର୍‌ର ହୋଇଥିବ ।

**ଜିନ୍ସ ସହିତ ପେୟାର୍:** ଯୁବତୀ ଚାହିଁଲେ ଜିନ୍ସ ସାଙ୍ଗରେ ଫେ୍ଣାଲ୍ ଜ୍ୟାକେଟ୍‌କୁ ମଧ୍ୟ ଟ୍ରାଏ କରିପାରିବେ; ଏହା ସେମାନଙ୍କୁ କାଜୁଆଲ୍ ତଥା ରିଲାକ୍ସଡ୍ ଲୁକ୍ ଦେଇଥାଏ । ଡେନିମ୍ ଜିନ୍ସ ସାଙ୍ଗକୁ ଫେ୍ଣାଲ୍ ଜ୍ୟାକେଟ୍ ପିନ୍ଧିଲେ ଷ୍ଟନିଂ ଲୁକ୍ ମିଳେ । ଖାସ୍‌କରି ସ୍କିନ୍ ଫିଟିଙ୍ଗ୍ ଜିନ୍ସ ଅଥବା ଷ୍ଟ୍ରେଟ୍ ଲେଗ୍ ଜିନ୍ସ ସାଙ୍ଗକୁ ଏହି ଜ୍ୟାକେଟ୍ ଖୁବ୍ ସୁନ୍ଦର ମାନିଥାଏ । ଏହାକୁ ସିମ୍ପଲ ଟପ୍ସ ଅଥବା ଫିଟେଡ୍ ଟି-ସାର୍ଟ ସହ ମଧ୍ୟ ପିନ୍ଧାଯାଇପାରେ ।

**ଫିଟିଂକୁ ଧ୍ୟାନ ଦେବେ:** ଫ୍ଲୋରାଲ୍ ଜ୍ୟାକେଟ୍ ଟ୍ରାଏ କଲାବେଳେ ଏହାର ଫିଟିଂକୁ ଧ୍ୟାନ ଦେବା ନିହାତି ଜରୁରୀ । ଢିଲାଢାଲା ଜ୍ୟାକେଟ୍ ନ ପିନ୍ଧି ଶରୀରକୁ ଭଲ ଫିଟିଂ ହେଲା ଭଳିଆ ଜ୍ୟାକେଟ୍ ପିନ୍ଧିଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିଥାଏ।

**ସଠିକ୍ ଆସେସରିଜ୍ ବାଛିବେ:** ଫ୍ଲୋରାଲ୍ ଜ୍ୟାକେଟ୍ ସାଙ୍ଗକୁ ଯେତେ କମ୍ ଆଉ ସିମ୍ପଲ ଆସେସରିଜ୍ ଟ୍ରାଏ କରିବେ ସେତେ ଭଲ । ଏହି ଆଉଟ୍‌ଫିଟ୍‌ରେ ଲୁକ୍‌କୁ କମ୍ପ୍ଲିଟ୍ କରିବା ପାଇଁ ଯୁବତୀ ଚାହିଁଲେ ଷ୍ଟଡ୍ ଇୟର ରିଂ ସାଙ୍ଗକୁ ସିମ୍ପଲ ପେଣ୍ଡେଣ୍ଟ ଏବଂ ହାତରେ କ୍ଲାସିକ୍ ୱାଚ୍ ମଧ୍ୟ ପିନ୍ଧିପାରିବେ ।

**କିଛି ଜାଣିବା କଥା**

- କେବଳ ଜିନ୍ସ ଟପ୍ସ କାହିଁକି ଯୁବତୀ ଚାହିଁଲେ ମ୍ୟାକ୍ସି ଡ୍ରେସ୍, ଟ୍ରାଉଜର୍ ଟପ୍ସ, ପ୍ଲାଜୋ ଟପ୍ସ ସହିତ ବି ଫ୍ଲୋରାଲ୍ ଜ୍ୟାକେଟ୍‌କୁ ଆରାମରେ କ୍ୟାରି କରିପାରିବେ । ଯାହାବି ପିନ୍ଧନ୍ତୁ ନା କାହିଁକି ସବୁବେଳେ ଧ୍ୟାନ ଦେବେ ଆଉଟ୍‌ଫିଟ୍‌ରେ କଲର୍ ଯେମିତି ଫ୍ଲୋରାଲ୍ ଜ୍ୟାକେଟ୍ ତୁଳନାରେ ହେଭି ଦେଖା ଯାଉ ନ ଥିବ । ଏହା ଯେତେ ସିମ୍ପଲ ରହିବ ସେତେ ଭଲ ।
- ବ୍ଲାକ୍ ସିକେନ୍ ଡ୍ରେସ୍ ହେଉ ଅଥବା ଟପ୍ସ ସାଙ୍ଗକୁ ମଧ୍ୟ ଫ୍ଲୋରାଲ୍ ଜ୍ୟାକେଟ୍ ଟ୍ରାଏ କରିପାରିବେ । ଏହା ପାର୍ଟି ଲୁକ୍ ପାଇଁ ପରଫେକ୍ଟ ହୋଇଥାଏ ।





# ଓଠ ରହିବ ଗୋଲାପୀ

**ବହୁ କମ୍ ମହିଳା ଅଛନ୍ତି ଯେଉଁମାନଙ୍କ ଓଠ ସାଧାରଣତଃ କଳା ହୋଇଥାଏ। କେତେକ କାରଣ ପାଇଁ ଅନେକ ମହିଳାଙ୍କ ଓଠ କଳା ପଡ଼ିଯାଇଥାଏ। ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦେଉଛୁ ଯାହାକୁ ଆପଣାଇବା ଦ୍ୱାରା ଆପଣଙ୍କ ଓଠ କଳାରଙ୍ଗରୁ ଧୀରେ ଧୀରେ ଗୋଲାପୀ ହେବାକୁ ଲାଗିବ । ଏହାକୁ ବ୍ୟବହାର କରିବା ଦ୍ୱାରା ଆପଣଙ୍କର କୌଣସି ସାଇଡ୍‌ଇଫେକ୍ଟ ମଧ୍ୟ ହେବନାହିଁ। ଜାଣନ୍ତୁ, ଏ ସମ୍ପର୍କରେ କେତୋଟି ଘରୋଇ ଟିପ୍ସ......**

**ଲେମ୍ବୁ:** ଲେମ୍ବୁ ବ୍ୟବହାର କରିବା ଦ୍ୱାରା ଓଠରେ ଥିବା କଳାଦାଗ ଦୂରହୋଇଥାଏ। ଏଥିରେ ବ୍ଲିଚିଂ ଗୁଣ ରହିଛି ଯାହା ଦ୍ୱାରା ଓଠରେ ଥିବା କଳାଦାଗକୁ ଦୂରକରିବାରେ ସାହାଯ୍ୟ କରିଥାଏ। ଭଲ ହେବ ରାତିରେ ଶୋଇବା ପୂର୍ବରୁ ଦୁଇବୁନ୍ଦା ଲେମ୍ବୁରସ ୨ ମାସ ପର୍ଯ୍ୟନ୍ତ ବ୍ୟବହାର କରିବା ଦ୍ୱାରା ଓଠର ରଙ୍ଗ ପରିବର୍ତ୍ତନ ହୋଇଥାଏ।

**ଗୋଲାପଜଳ :** ଗୋଲାପଜଳ ବ୍ୟବହାର କରିବା ଦ୍ୱାରା ଥଣ୍ଡା ଅନୁଭବ ହୁଏ, ଯାହା ମଶ୍ଚରାଇଜର ପରି କାମ କରିଥାଏ। ଗୋଲାପଜଳରେ କେଇବୁନ୍ଦା ମହୁ ମିଶାଇ ଲଗାଇବା ଦ୍ୱାରା ଓଠର କଳାଦାଗ ଦୂର ହୋଇଥାଏ।

**ଚିନି:** ଓଠରେ ଚିନି ବ୍ୟବହାର କରିବା ଦ୍ୱାରା ଏହା ସ୍କ୍ରବ୍ ପରି କାମ କରିଥାଏ। ଫଳରେ ଡେଡ୍ ସ୍କିନ୍ ?ଦୂର ହୋଇଥାଏ। ଅଳ୍ପ ଚିନିକୁ ନେଇ ମିକ୍ସଚରରେ ଗ୍ରାଇଣ୍ଡକରି ଦିଅନ୍ତୁ। ଏହି ମିକ୍ସ ହୋଇଥିବା ଚିନିରେ ଅଳ୍ପ ଲହୁଣି ମିଶାଇ ଓଠରେ ଲଗାଇଲେ ଓଠ ମୁଲାୟମ ହେବା ସହ ସଫା ମଧ୍ୟ ହୋଇଥାଏ।

**ଡାଳିମ୍ବ :** ଡାଳିମ୍ବରସ ଓଠରେ ଲଗାଇବା ଦ୍ୱାରା ଏହା ମଶ୍ଚରାଇଜର ପରି କାମ କରିଥାଏ। ଏହା ଓଠକୁ ସଫ୍ଟ କରିବା ସହ ଗୋଲାପୀ ରଙ୍ଗ କରିବାରେ ମଧ୍ୟ ସାହାଯ୍ୟ କରେ। ଡାଳିମ୍ବର କେତୋଟି ଦାନାକୁ ଗ୍ରାଇଣ୍ଡ କରି ସେଥିରୁ ରସ ବାହାର କରିଦିଅନ୍ତୁ। ଏବେ ସେହି ରସରେ କ୍ଷୀର ଓ ଗୋଲାପଜଳ ମିଶାଇ ହାତରେ ହାଲ୍କା ଭାବେ ଲଗାଇବା ଦ୍ୱାରା ଏହାର ଫାଇଦା ଆପଣଙ୍କ ଜଲ୍‌ଦି ମିଳିବ।

**ବିଟ୍:** ବିଟ୍‌ରେ ନାଚୁରାଲ ବ୍ଲିଚ୍ ?ଗୁଣ ରହିଛି। ଏହା ଓଠର କଳାପଣ ଦୂରକରିବାରେ ସାହାଯ୍ୟ କରିଥାଏ। ଏଥିସହ ବିଟ୍ ନାଚୁରାଲ୍ ରଙ୍ଗ ଓଠକୁ ଗୋଲାପୀ କରିବାରେ ସାହାଯ୍ୟ କରେ। ବିଟ୍‌ର ରସ କିମ୍ବା ପେଷ୍ଟ ରାତିରେ ଶୋଇବା ପୂର୍ବରୁ ଲଗାଇ ଶୋଇପଡ଼ନ୍ତୁ। ରାତି ସାରା ଏମିତି ରଖିବା ପରେ ତାକୁ ସକାଳେ ଓଠକୁ ଭଲଭାବେ ଧୋଇଦିଅନ୍ତୁ।

# ଛେନା ଝିଲି

**ଆବଶ୍ୟକ ସାମଗ୍ରୀ:** ସୁଜି, ମଇଦା, ଚିନି, ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା, ୫୦୦ ଗ୍ରାମ ଛେନା, ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ଛେନା ଝିଲି ତିଆରି କରିବା ପୂର୍ବରୁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ। ତା'ପରେ ଛେନାକୁ ଏକ ପାତ୍ରରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚକଟନ୍ତୁ। ପରେ ସେଥିରେ ତିନି ଚାମଚ ସୁଜି, ଦୁଇ ଚାମଚ ମଇଦା, ଗୋଟିଏ ଚାମଚ ଚିନି, ଅଳ୍ପ ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା ପକାଇ ଭଲ ଭାବରେ ଚକଟି ଦିଅନ୍ତୁ। ଏହାପରେ ତାକୁ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ତା'ପରେ ଚକଟା ଛେନାକୁ ଛେନା ଝିଲିର ସେପ ଦେଇ ଗଢ଼ନ୍ତୁ। ଏବେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗଢ଼ି ରଖିଥିବା ଛେନା ଝିଲିକୁ ଅଳ୍ପ ଆଞ୍ଚରେ ଛାଣନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଛାଣି ଶିରାରେ କିଛି ସମୟ ପର୍ଯ୍ୟନ୍ତ ପକାଇ ରଖନ୍ତୁ। ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ଝିଲି। ଛେନା ଝିଲିକୁ ରୁଟି ଓ ପରଟା ସହିତ ଖାଇପାରିବେ।



# ସିନ୍ଦୂର

**ମଥାରେ ସିନ୍ଦୂର ହେଉଛି ଜଣେ ସଧବା ହିନ୍ଦୁ ନାରୀର ପରିଚୟ। ଏହାକୁ ମଧ୍ୟ କୁହାଯାଏ ସୌଭାଗ୍ୟର ପ୍ରତୀକ। ପ୍ରତିଟି ହିନ୍ଦୁ ଘରେ ଏହା ଏକ ପାରମ୍ପରିକ ସାମଗ୍ରୀ। ଦେବ କର୍ମରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ଏହାର ରହିଛି ବିଶେଷ ଗୁରୁତ୍ୱ...**

ସିନ୍ଦୂର ହେଉଛି ହିନ୍ଦୁ ଘରର ଏକ ପାରମ୍ପରିକ ସାମଗ୍ରୀ। ଏହାକୁ ସଧବା ନାରୀ ପ୍ରତିଦିନ ମଥାରେ ଲଗାଏ। ବିଭିନ୍ନ ପୂଜାବିଧି ଓ ଉତ୍ସବଗୁଡ଼ିକରେ ମହିଳା, ପୁରୁଷ ସମସ୍ତେ ମଥାରେ ସିନ୍ଦୂର ଲଗାଇଥାନ୍ତି। ମନ୍ଦିରରେ ଦେବଦେବୀଙ୍କ ମଥାରେ ଲଗାଇବା ଲାଗି ଏହା ସବୁଠୁ ଅଧିକ ବ୍ୟବହାର କରାଯାଇଥାଏ। ତେବେ ଏହାକୁ ନେଇ ଅନେକ କିମ୍ବଦନ୍ତୀ ରହିଛି...

- ବିବାହ ବେଳେ ବର କନ୍ୟାଙ୍କ ମଥାରେ ସିନ୍ଦୂର ଲଗାଇବା ପରମ୍ପରା ବହୁ ପୁରାତନ କାଳରୁ ଚଳି ଆସୁଛି। କୁହାଯାଏ ମା' ସୀତା ନିଜ ଶୃଙ୍ଗାରରେ ପ୍ରତିଦିନ ମଥାରେ ସିନ୍ଦୂର ଲଗାନ୍ତି। ଥରେ ହନୁମାନ ତାଙ୍କୁ ଏହାର କାରଣ ପଚାରିବାରୁ ସେ କହିଲେ, ଏହାଦ୍ୱାରା ପ୍ରଭୁ ଶ୍ରୀରାମ ପ୍ରସନ୍ନ ହୋଇଥାନ୍ତି। ଆଉ ପ୍ରସନ୍ନ ରହିବା ଦ୍ୱାରା ମଣିଷର ଶରୀର ସୁସ୍ଥ ରହିଥାଏ ଏବଂ ଆୟୁଷ ବୃଦ୍ଧି ହୋଇଥାଏ।
- କୁହାଯାଏ ସିନ୍ଦୂର ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ଏବଂ ଏହାର ଲାଲ୍ ରଙ୍ଗରେ ମା' ପାର୍ବତୀଙ୍କ ଉର୍ଜା ରହିଥାଏ; ଯାହା କି ନାରୀକୁ ଅଖଣ୍ଡ ସୌଭାଗ୍ୟବତୀ ହେବାର ଆଶୀର୍ବାଦ ଦେଇଥାଏ।
- ମା' ଲକ୍ଷ୍ମୀଙ୍କର ମଧ୍ୟ ସିନ୍ଦୂର ଖୁବ୍ ପ୍ରିୟ। ତେଣୁ ତାଙ୍କ ପୂଜାରେ ପ୍ରଥମେ ଏହା ବ୍ୟବହାର କରାଯାଏ। ପୌରାଣିକ କଥା ଅନୁଯାୟୀ ମା' ଲକ୍ଷ୍ମୀ ପୃଥିବୀରେ ୫ଟି ସ୍ଥାନରେ ବାସ କରନ୍ତି; ଯାହା ମଧ୍ୟରୁ ପ୍ରଥମ ସ୍ଥାନ ହେଉଛି ନାରୀର ମଥା, ଯେଉଁଠି ସିନ୍ଦୂର ଶୋଭାପାଏ। ତେଣୁ ଏହାକୁ ଲଗାଇବା ଦ୍ୱାରା ଘରେ ସୁଖଶାନ୍ତି ଆସେ, ସୌଭାଗ୍ୟ ପ୍ରାପ୍ତି ହୁଏ। ସେଥିପାଇଁ ମହିଳାଙ୍କୁ ଦେବୀ ବୋଲି କୁହାଯାଇଥାଏ।

**ସୁସ୍ଥ ରଖେ ଓ ବୃଦ୍ଧିକରେ ସୌନ୍ଦର୍ଯ୍ୟ:** ବୈଜ୍ଞାନିକ ତଥ୍ୟ ଅନୁଯାୟୀ ସିନ୍ଦୂରରେ ଥିବା ପାରା ଧାତୁ ଶରୀରରୁ ନକାରାତ୍ମକ ଶକ୍ତିକୁ ଦୂର କରିଥାଏ ଏବଂ ମନକୁ ପ୍ରସନ୍ନ ରଖିଥାଏ। ତା'ଛଡା ପ୍ରତିଦିନ ମଥାରେ ସିନ୍ଦୂର ଲଗାଇଲେ ଏହା ମୁଣ୍ଡ ବିନ୍ଧା, ଅନିଦ୍ରା ଏବଂ ଅନ୍ୟ କେତେକ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ତା'ଛଡା ଏଥିରେ ଥିବା ଉପାଦାନ ବୟସ ବୃଦ୍ଧିର ଛାପ ବା ଏଜ୍‌ଲାଇନ୍ କମ୍ କରି ସୁନ୍ଦରତା ବଢ଼ାଇଥାଏ।

**ସୁଖମୟ କରେ ଦାମ୍ପତ୍ୟ ଜୀବନ:** ହିନ୍ଦୁ ଧର୍ମର ମାନ୍ୟତା ଅନୁଯାୟୀ ସ୍ତ୍ରୀ ମଥାରେ ସିନ୍ଦୂର ଲଗାଇଲେ ଏହା ସ୍ୱାମୀଙ୍କୁ ବିଭିନ୍ନ ସଙ୍କଟରୁ ରକ୍ଷା କରିବା ସହ ଆୟୁଷ ବୃଦ୍ଧି କରିଥାଏ। ଯେଉଁଥିପାଇଁ ବିବାହ ସମୟ ବ୍ୟତୀତ କର୍‌ବାଚୌଥ୍, ନବରାତ୍ର, ଦୀପାବଳି ଏବଂ ଅନ୍ୟ କେତେକ ପୂଜା ପର୍ବରେ ସ୍ୱାମୀ ସ୍ତ୍ରୀଙ୍କ ମଥାରେ ସିନ୍ଦୂର ଭରିବାକୁ ଖୁବ୍ ଶୁଭ ବୋଲି ବିଚାର କରାଯାଇଥାଏ। ଏହା ଦାମ୍ପତ୍ୟ ଜୀବନକୁ ଶୁଖମୟ କରିଥାଏ ବୋଲି ବିଶ୍ୱାସ ରହିଛି।



ମାତୃଭାଷା

# ନଗର ଖବର



ଗୃହରେ ବନ୍ୟପ୍ରାଣୀ ଓ ମଣିଷ ଲଢେଇ ପ୍ରସଙ୍ଗ

## ୧୦ବର୍ଷରେ ୫୬୦୯ ବନ୍ୟପ୍ରାଣୀ ଓ ୧୩୯୬ ଲୋକଙ୍କର ମୃତ୍ୟୁ

**ଭୁବନେଶ୍ୱର:** ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ବନ୍ୟପ୍ରାଣୀ ଓ ମଣିଷ ଲଢେଇରେ ହଜାରେ ୩୯୬ ଲୋକଙ୍କ ମୃତ୍ୟୁ ହେଲାଣି ।

**ସରକାରଙ୍କ ଦ୍ୱାରା ୬୧୭୪.୬୮ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି ।**

ଗୃହରେ ଉତ୍ତର ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ବନ୍ୟପ୍ରାଣୀ ଓ ମଣିଷ ଲଢେଇରେ ୫,୬୦୯ ସଂଖ୍ୟକ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଛି । ଗତ ୧୦ ବର୍ଷରେ ୧,୩୯୬ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଛି । ଏଥିନିମନ୍ତେ ସରକାରଙ୍କ ଦ୍ୱାରା ୬୧୭୪.୬୮ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି ।



ମୃତ୍ୟୁ ସଂଖ୍ୟାରେ ରୋକ୍ ଲଗାଇବା ନିମନ୍ତେ ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧି, ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣ ଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି, ଜଙ୍ଗଲ ନିଆଁରୁ ରକ୍ଷା, ଶୀକାର ନିରୋଧକ ଶିବିର, ପକ୍ଷୀ ସୁରକ୍ଷା ଶିବିର, ଜଙ୍ଗଲରେ ପଇଁତରା, ବୈଷୟିକ ଜ୍ଞାନ କୌଶଳର ଉପଯୋଗିତା ଦ୍ୱାରା ବନ୍ୟପ୍ରାଣୀ ଓ ଶିକାରୀଙ୍କ ଗତିବିଧି ନୀରିକ୍ଷଣ, ଆଣ୍ଟି-ଡିପ୍ରେଡେସନ/ଆଣ୍ଟି ପୋଚିଂ ସ୍କ୍ୱାଡ୍ ମୁତୟନ, ଜନ ସଚେତନତା ଇତ୍ୟାଦି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

ବିଧାନସଭାରେ ବିଧାୟକ ଅଖିଳ ଚନ୍ଦ୍ର ନାୟକଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ।

## ଗୋଟିଏ ପରିବାରର ୩ ପୁଅ ଝିଅ ଦିବ୍ୟାଙ୍ଗ

**ଜୟପୁର:** ଦୁରାରୋଗ ଏମିତି ଯେ ଗୋଟିଏ ପରିବାରରେ ତିନି ପୁଅ ଝିଅ ଜନ୍ମରୁ ଦିବ୍ୟାଙ୍ଗ । ତିନି ପୁଅ ଝିଅଙ୍କ ଏଭଳି ଅବସ୍ଥା ଦେଖି ଭାଙ୍ଗି ପଡିଛନ୍ତି ପରିବାର ଲୋକ । ସେପଟେ ପୁଅର ଇଛା ଶକ୍ତି ଆଗରେ ହାର ମାନିଛି ସବୁ ପ୍ରତିବନ୍ଧକ। ପାଠ ପଢି କିଛି କରି ଦେଖାଇବାର ସ୍ୱପ୍ନ ଦେଖିଛି ସେ । ସରକାରୀ ସହାୟତାକୁ ଅନାଇ ବସିଛି ପରିବାର। କୋରାପୁଟ କୁରକୁଟି ଗାଁର ଘଟଣା।

ଟିକିଏ ଭଲକି ନଜର ପକାନ୍ତୁ ଏହି ପରିବାର ଉପରେ। ଦୁରାରୋଗ ଏମିତି ଯେ ତିନି ପୁଅ ଝିଅ ଦିବ୍ୟାଙ୍ଗ। ଅଭିଶପ୍ତ ଜୀବନ କାଟୁଛନ୍ତି ପରିବାର।ବୋରିଗୁମ୍ମା ବ୍ଲକ କୁରକୁଟି ଗାଁର ଭଗବାନ ହରିଜନ ପରିବାର କହିଲେ ଦୁଇ ପୁଅ, ଚାରି ଝିଅ ଏବଂ ସ୍ତ୍ରୀ। ଜନ୍ମରୁ ଦୁଇ ଝିଅ ଏବଂ ଗୋଟିଏ ପୁଅ ସବୁ ଠିକ ଠାକ ଥିଲା କିନ୍ତୁ ବୟସ ବଢ଼ିଲା ହେଲେ ଶରୀର ବଢ଼ିଲା ନାହିଁ। ଭଗବାନ ହରିଜନ ଦିନ ମଜୁରିଆ ଭାବେ କାମ କରନ୍ତି, ଆର୍ଥିକ ସ୍ଥିତି ଭଲ ନାହିଁ। ସେଥିପାଇଁ ବଡ଼ ଝିଅ ଏବଂ ପୁଅକୁ କୋରାପୁଟ ମେଡ଼ିକାଲରେ ଚିକିତ୍ସା କରାଇଲେ। ଅଧିକ ଚିକିତ୍ସା ପାଇଁ ଡାକ୍ତର କଟକ କିମ୍ବା ଭୁବନେଶ୍ୱର ମେଡ଼ିକାଲରେ ଚିକିତ୍ସା ପାଇଁ ପରାମର୍ଶ ଦେଲେ, ହେଲେ ଅର୍ଥ ଅଭାବ ଯୋଗୁଁ ଘରକୁ ଫେରି ଆସିଲେ। ବର୍ତମାନ ସାନ ଝିଅର ମଧ ସେହି ଲକ୍ଷଣ ଦେଖାଯାଉଛି ସାନ ଝିଅକୁ ମଧ ଡାକ୍ତର ଅଧିକ ଚିକିତ୍ସା ପାଇଁ ବାହାରକୁ ନେବା ପାଇଁ ପରାମର୍ଶ ଦେଇଛନ୍ତି। ତିନି ଦିବ୍ୟାଙ୍ଗ ପୁଅ ଝିଅଙ୍କ ସେବା ନିମନ୍ତେ ମାଆ କାମକୁ ଗଲେ ବାପା ଘରେ ରୁହନ୍ତି ବାପା ଗଲେ ମାଆ ଜଗି ବସନ୍ତି। ସରକାରଙ୍କ ପକ୍ଷରୁ ୩୫ କିଲୋ ଚାଉଳ ମିଳୁଛି ବଡ଼ ଝିଅକୁ ଏବଂ ପୁଅକୁ ଭତା ମିଳୁଛି କିନ୍ତୁ ସାନ ଝିଅକୁ ସରକାରୀ ସହାୟତା ମିଳୁ ନାହିଁ; କାରଣ ହାତ ଆଙ୍ଗୁଠି ଠିକ୍ ନାହିଁ ଫଳରେ ଆଧାର କାର୍ଡ ହୋଇ ପାରୁନାହିଁ।

ଗୋଟିଏ ପଟେ ଅଭାବ ଅନାଟନ ଅନ୍ୟପକ୍ଷରେ ଦିବ୍ୟାଙ୍ଗ ହୋଇ ମଧ ପୁଅ କପିଳାସ ହରିଜନ ସେ ବର୍ତମାନ ଯୁକ୍ତ ଦୁଇ କଳା ଦ୍ୱିତୀୟ ବର୍ଷରେ ପାଠ ପଢୁଛି। ସମସ୍ତ ଘାତ ପ୍ରତିଘାତକୁ ଏଡାଇ କେମିତି ପାଠ ପଢି କିଛି କରି ଦେଖାଇବାର ଆଶା ରଖିଛି। ପ୍ରତ୍ୟେକ ଦିନ କପିଳାସ ହରିଜନକୁ ବାପା ହେଉ କିମ୍ବା ବଡ଼ ଭାଇ ବୋରିଗୁମ୍ମା ୧୦ କିଲୋମିଟର ଆଣି କଲେଜରେ ଛାଡ଼ନ୍ତି। ପୁଅର ଏଭଳି ଅବସ୍ଥା ଯୋଗୁଁ ବାପା ମାଆ ପାଠ ପଢିବା ପାଇଁ ମନା କରୁଥିବା ସତ୍ତ୍ୱେ କପିଳାସ କାହାରି କଥାକୁ କର୍ଣ୍ଣପାତ ନ କରି ଆଗକୁ ବଢିବାରେ ଲାଗିଛି। ବଡ଼ ଝିଅ ମଧ ମାଟ୍ରିକ ପର୍ଯ୍ୟନ୍ତ ପାଠ ପଢୁଥିଲା ହେଲେ ଦେହ ଅଧିକ ଅସୁସ୍ଥ ହେବା ଯୋଗୁଁ ପାଠ ଛାଡିବାକୁ ବାଧ ହେଲା। କପିଳାସ ସରକାରଙ୍କୁ ନିବେଦନ କରିଛି କଲେଜ ଯିବା ଆସିବା ପାଇଁ ବ୍ୟାଟେରୀ ଟ୍ରାଇ ସାଇକେଲ ଖଣ୍ଡିଏ ଏବଂ ପାଠ ପଢିବା ପାଇଁ ଆଉ ଟିକିଏ ସାହାଯ୍ୟ କରିବାକୁ।

**ଚିନ୍ତାରେ ପରିବାର, ପୁଅ ଦିବ୍ୟାଙ୍ଗ ହୋଇ ମଧ ପାଠ ପଢିବାରେ ରହିଛି ଆଗ୍ରହ**

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି



**ବାଲେଶ୍ୱର(ମାନିସ):** ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୬୨ ଜଣ ଅଭିଯୋଗକାରୀ ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରି ଥିଲେ। ସେଗୁଡିକ ମଧ୍ୟରୁ ୧୪୫ ଗୋଟି ବ୍ୟକ୍ତିଗତ, ୦୪ ଗୋଟି ସାମୁହିକ, ୧୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଏବଂ ୦୧ ଗୋଟି ରେଡ କ୍ରସ ସହାୟତା ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ୨୧ ଗୋଟି ଦରଖାସ୍ତର ଆଶୁ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,ଏସପି ପ୍ରତ୍ୟୁଷ ଦିବାକର,ଟ୍ରେନି ଆଇପିଏସ ମନିଷା ସଗୁନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବ୍ୟ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ଭତ୍ତାବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ୧୨ରେ ବିକ୍ଷୋଭ କରିବେ ଅଙ୍ଗନୱାଡି କର୍ମୀ

**ଭୁବନେଶ୍ୱର:** ତୁରନ୍ତ ଭତା ବୃଦ୍ଧି ଘୋଷଣା ଓ ଅନ୍ୟାନ୍ୟ ଦାବିରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ତରଫରୁ ଆସନ୍ତା ଡିସେମ୍ବର ୧୨ ବିଧାନସଭା ସମ୍ମୁଖରେ ବିଶାଳ ବିକ୍ଷୋଭ ସମାବେଶ ପାଇଁ ଆଜି ସଂଘର କାର୍ଯ୍ୟକାରୀ ସଭାପତି ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆହ୍ୱାନ ଦିଆଯାଇଛି। ସଂଘର ସାଧାରଣ ସମ୍ପାଦିକା ହରପ୍ରିୟା ସାଇଁ କହିଛନ୍ତି ଗତବର୍ଷ ବିକ୍ଷୋଭ ପୂର୍ବରୁ ବିଭାଗୀୟ ସଚିବ ଓ ଅଧିକାରୀ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ଅଙ୍ଗନୱାଡି କର୍ମୀଙ୍କ ବିଭିନ୍ନ ଦାବି ଯଥା ଫେସ୍ କ୍ୟାପ୍ଚର ଓ ଇକେୱାଇସି ଅପଡେଟ୍ କରିବା ନିଷ୍ପତି ପ୍ରତ୍ୟାହାର, ନୂତନ ୫ଜି'ର ମୋବାଇଲପ୍ରଦାନ, ଗତ ନିର୍ବାଚନରେ ପ୍ରତିଶ୍ରୁତି ଅନୁସାରେ ଭତ୍ତାବୃଦ୍ଧି ସହ ଜାତୀୟ ଶ୍ରମ ସମ୍ମିଳନୀର ନିଷ୍ପତି ଅନୁସାରେ ୱାର୍କର ମାନ୍ୟତା, ସାମାଜିକ ସୁରକ୍ଷା,ଅବସରକାଳୀନ ଦେୟ ୫ଲକ୍ଷ ଟଙ୍କାକୁ ବୃଦ୍ଧି, ବଜାର ଦର ଅନୁସାରେ ଏସ୍ଏନ୍ପି ଦର ସଂଶୋଧନ, ସଂସଦୀୟ କମିଟି ସୁପାରିଶ ଅନୁସାରେ ଏଏନ୍ଏମ୍ ଓ ପ୍ରାଥମିକ ଶିକ୍ଷକ ପଦବୀ ପାଇଁ କୋଟା ଧାର୍ଯ୍ୟ, ଅଘୋଷିତ ଭାବରେ ବନ୍ଦ ହୋଇଥିବା ୫ବର୍ଷ ଓ ୧୦ବର୍ଷର ଇନକ୍ରିମେଂଟ; ଓ ବିଭିନ୍ନ ବୈଠକ ପାଇଁ ଟିଏ. ଡିଏ ପ୍ରଦାନ ଆଦି ଦାବିରେ ଆନ୍ଦୋଳନକୁ ସଫଳ ପାଇଁ ଆହ୍ୱାନ ଦିଆଯାଇଛି।

## ହାର୍ଡୱେର ଷ୍ଟୋର ତାଲା ଭାଙ୍ଗି ଲୁଟ୍

**ବାଲିପାଟଣା:** ଭୁବନେଶ୍ୱର କମିସନରେଟ ପୁଲିସ ଅଧୀନ ବାଲିପାଟଣାରେ ମାତିଛନ୍ତି ଲୁଟେରା ଦଳ। ଲୁଟ ପାଟ କରି ଲୋକଙ୍କ ଆଖିରୁ ନିଦ ହଜେଇ ଦେଇଛନ୍ତି । ପୁଲିସ କାର୍ଯ୍ୟାନୁଷ୍ଠାନ କୋହଳ ଚୋରଙ୍କ ପାଇଁ ବରଦାନ ପାଲଟିଛି । ସାଧାରଣ ଜନତା ଅସୁରକ୍ଷିତ ଅବସ୍ଥାରେ ଜୀବନଯାପାନ କରୁଛନ୍ତି । ସୁନା ଅଳଙ୍କାର, ଛେଳି, ମେଣ୍ଢା ଓ ଦୋକାନଙ୍କୁ ଅଧିକ ଟାର୍ଗେଟ କରୁଛନ୍ତି ଲୁଟେରା ।

**ଥାନାରେ ଲିଖିତ ଅଭିଯୋଗ**



ଗତକାଲି ରାତିରେ ବାଲିପାଟଣା ଥାନା ଧାନହରା ବଜାର ସୋମନାଥ ହାର୍ଡୱେର ଷ୍ଟୋରରୁ ପୁଣି ଚୋରି ହୋଇଛି । ଦୋକାନୀ ଘରକୁ ଖାଇବାକୁ ଯାଇଥିବା ସୁଯୋଗ ଉଣ୍ଡି ମାତ୍ର ୨ ଘଣ୍ଟା ଭିତରେ ଦୁର୍ବୃତ୍ତ ଏହି କାଣ୍ଡ ଭିଆଇଛନ୍ତି । ଖବର ପାଇ ପୁଲିସ ଘଟଣାର ତଦନ୍ତ କରୁଛି । ସୂଚନା ଅନୁସାରେ, ମଝିହରା ଗ୍ରାମର ଚତୁର୍ଭୁଜ ଆଚାର୍ଯ୍ୟଙ୍କ ଧାନହରା ବଜାରରେ ଦୀର୍ଘ ୪୦ ବର୍ଷ ହେଲା ସୋମନାଥ ହାର୍ଡୱେର ଷ୍ଟୋର ଅଛି । ପ୍ରାୟ ଦେଢ଼ ବର୍ଷ ତଳେ ଦୁର୍ବୃତ୍ତ ତାଙ୍କ ଦୋକାନ ଭାଙ୍ଗି ଲୁଟ କରିଥିଲେ। ଗତକାଲି ରାତି ୯ଟାରେ ଚତୁର୍ଭୁଜ ଦୋକାନ ତାଲା ଦେଇ ଘରକୁ ଖାଇବାକୁ ଯାଇଥିଲେ । ୨ ଘଣ୍ଟା ଭିତରେ ଘରୁ ଦୋକାନକୁ ଆସିଥିଲେ ।

ଦୋକାନ ଫାଟକ ତାଲା ଭଙ୍ଗା ଯାଇଥିବା ଦେଖି ସେ ବିସ୍ମିତ ହୋଇ ଯାଇଥିଲେ । ଦୁର୍ବୃତମାନେ ଇଲେକ୍ଟ୍ରି ଓଜନ ଯନ୍ତ୍ର , ବ୍ୟାଟେରୀ , ପ୍ରାୟ ୨ ହଜାର ନଗଦ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେବା ସହ ସିସି ଟିଭି କ୍ୟାମେରା ତାଡ଼ି ନେଇଛନ୍ତି ଜଣା ପଡ଼ିଥିଲା । ଅଠାନ୍ତର ନୂଆଗାଁ ପୂର୍ତ୍ତ ବିଭାଗ ରାସ୍ତାର ଧାନହରା ବଜାର ରେ ଲୋକଙ୍କ ଚଳପ୍ରଚଳ ଲାଗିଥିବା ବେଳେ ଲୁଟେରା ଦଳ ମାତିବା ବଡ଼ ସଙ୍କଟ ସୃଷ୍ଟି କରିଛି । ଚୋରି ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ହୋଇଛି । ତେବେ ପୁଲିସ ଚୋରଙ୍କୁ ଧରିବାରେ କେତେ ସଫଳ ହେଉଛି, ତାହା ଦେଖିବାକୁ ବାକି ରହିଛି ।

## ସାହାଜପାଲ ଛକରେ ଜବର ଦଖଲ ଉଚ୍ଛେଦ କଲା ପ୍ରଶାସନ



**ସାହାଜପାଲ:** ଜବର ଦଖଲ ଜାଗାକୁ ଭାଙ୍ଗିଲା ପ୍ରଶାସନ । ବୌଦ୍ଧ ସଦର ବ୍ଲକ ତାଳଶରଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାହାଜପାଲ ଛକରେ କେତେକ ଲୋକ ଜବରଦଖଲ କରି ଦୀର୍ଘବର୍ଷ ହେବ ରହି ଆସୁଥିଲେ। ଆଉ ସେହି ଜବରଦଖଲ ସ୍ଥାନଗୁଡିକରେ ହୋଇଥିବା ଦୋକାନ ଓ ଘର ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ନୋଟିସ ହୋଇଥିଲା। ନୋଟିସ ଦେଲାପରେ କେତେକ ଜବର ଦଖଲକାରୀ ନିଜ ଆଡୁ ଭାଙ୍ଗି ଦେଇଥିବା ବେଳେ, ଆଉ କେତେକ ଜବର ଦଖଲକାରୀ ଜବର ଦଖଲ ଜାଗାରୁ ହଟି ନଥିଲେ। ଏନେଇ ପ୍ରଶାସନ ନିଜେ ଭାଙ୍ଗିବା ଆରମ୍ଭ କରିଥିଲା।

ଏହି ଜବରଦଖଲ ଉଚ୍ଛେଦ ଜାଗାକୁ ବୌଦ୍ଧ ତହସିଲଦାର ଅନୀତା କୁମାରୀ ସାହୁ, ମାଜିଷ୍ଟ୍ରେଡ଼ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ମହମ୍ମଦ ରୋଜା ରଶୁଲ, କୁମୁଦ ଚନ୍ଦ୍ର ଦଳବେହେରା ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ ଇନ୍ଦ୍ରାଣୀ ଦଣ୍ଡସେନା , ଓ ସମସ୍ତ ରାଜସ୍ୱ କର୍ମ ଚାରୀ, ପୁଲିସ ବିଭାଗ, ଦମକଳ ବାହିନୀ, ବିଦ୍ୟୁତ ବିଭାଗ, ଏନ. ଏଚ ବିଭାଗ ଉପସ୍ଥିତିରେ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଜବର ଦଖଲ ଜାଗାକୁ ମୁକ୍ତ କରାଯାଇଛି।

## ବାଙ୍ଗଲାଦେଶୀ ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କୁ ତଡ଼ିବା ପାଇଁ ଦାବି

**ଭଦ୍ରକ:** ଭଦ୍ରକ ଜିଲାରେ ବାଙ୍ଗଲାଦେଶୀ ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ବିଶ୍ୱ ହିନ୍ଦୁ ପରିଷଦ ଭଦ୍ରକ ଜିଲା ଶାଖା ପକ୍ଷରୁ ଉଦବେଗ୍ ପ୍ରକାଶ ପାଇଛି। ଜିଲା ସଂପାଦକ ବସନ୍ତ କୁମାର ରାଉତଙ୍କ ନେତୃତ୍ୱରେ ବିଶ୍ୱ ହିନ୍ଦୁ ପରିଷଦର ବହୁ କର୍ମକର୍ତାମାନେ ଏହି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଜିଲାରୁ ତଡିବା ପାଇଁ ଜିଲାପାଳଙ୍କୁ ଲିଖିତ ପତ୍ର ଜରିଆରେ ନିବେଦନ କରିଛନ୍ତି। ଏହି ପତ୍ରରେ ଦର୍ଶାଯାଇଛି ଯେ ଏହି ଅନୁପ୍ରବେଶକାରୀମାନେ ଗାଁ ଗାଁ ବୁଲି ବିଭିନ୍ନ ପ୍ରକାର ଫେରି କରିବା ସମୟରେ ସଂପୃକ୍ତ ଅଂଚଳରେ ଥିବା ମଠ ମନ୍ଦିରରୁ ଚୋରି କରୁଛନ୍ତି। ଏହାଛଡା ଲଭ୍ ଜିହାଦ, ଲେଣ୍ଡ ଜିହାଦ, ପପୁଲେସନ ଜିହାଦ, ନେରେଟିଭ୍ ଜିହାଦ ଭଳି ସଂଗଠନ ଗୁଡିକ ଦେଶଦ୍ରୋହୀ କାର୍ଯ୍ୟରେ ସାମିଲ ହୋଇ ସମାଜରେ ଅସ୍ଥିରତା ସୃଷ୍ଟି କରୁଛନ୍ତି। ଯାହାଫଳରେ ସଂପୃକ୍ତ ଅଂଚଳର ଧାର୍ମିକ, ସାଂସ୍କୃତିକ, ଆଧାତ୍ମିକ ବ୍ୟବସ୍ଥାରେ ସଂକଟ ଦେଖାଦେଇଛି। ଫଳରେ ହିନ୍ଦୁ ସମାଜରେ ଅସନ୍ତୋଷ ବୃଦ୍ଧି ପାଇଛି। ଏପରିକି ଫେରି କରିବା ଦ୍ୱାରା ବହୁ ଓଡ଼ିଆ ଯୁବକ ନିଜର ବ୍ୟବସାୟ ହରାଇବା ସହ ନିଶା ଖାଇ ନିଜର ଶକ୍ତି ସାର୍ମଥ୍ୟ ହରାଇବାକୁ ବସିଛନ୍ତି। ସମାଜରେ ଏବେ ଏହିଭଳି ବହୁ ସମସ୍ୟା ଦେଖାଯାଉଛି। ଏହି ଦାବିପତ୍ର ପ୍ରଦାନ କରିବା ସମୟରେ ସହ ସଂପାଦକ ଆଲୋକ କୁମାର ପଣ୍ଡା, ଦୁର୍ଗାବାହିନୀ ଜିଲା ସଂଯୋଜିକା ମଧୁସ୍ମିତା ମହାପାତ୍ର, ସହ ସଂଯୋଜିକା ମୋନାଲିସା ଦାସ, ବଜରଙ୍ଗ ଦଳ ଓ ଉପାସନା କେନ୍ଦ୍ରର ପ୍ରମୁଖ ଚନ୍ଦ୍ରଶେଖର ରାଉତ, ରଞ୍ଜିତ ପୃଷ୍ଟି, ମିଳନ କୁମାର ଦାସ, ସୌମ୍ୟରଞ୍ଜନ କର, ଅନୀଲ କୁମାର ଜେନା, ରାଜୀବ ନାୟକ ପ୍ରମୁଖ ସାମିଲ ଥିଲେ।

## ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭଦ୍ରକ:** ଜାତୀୟ ଆଇନ ସେବା ପ୍ରାଧିକରଣ, ଦିଲ୍ଲୀ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ ଅନୁସାରେ ବାର୍ଷିକ କ୍ୟାଲେଣ୍ଡର- ୨୦୨୫ ଅନୁଯାୟୀ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସହମତି କ୍ରମେ ଆଇନ ସେବା ପ୍ରାଧିକରଣ ସଚିବ ପୁଣ୍ୟ ଶ୍ଳୋକ ରଥ ସୂଚନା ଦେଇ ଛନ୍ତି ଯେ ଆସନ୍ତା ଡିସେମ୍ବର ମାସ ୧୩ ତାରିଖ ଦ୍ୱିତୀୟ ଶନିବାର, ଜିଲ୍ଲା ନ୍ୟାୟାଳୟ, ନଳାଙ୍ଗ, ଭଦ୍ରକରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତର ସଫଳତା ନିମନ୍ତେ ଶ୍ରୀ ରଥ ବ୍ୟାଙ୍କ ଅଧିକାରୀ, ବୀମା ଅଧିକାରୀ, ଓକିଲ ମାନଙ୍କ ସହ ପ୍ରସ୍ତୁତି ବୈଠକ (ଆଭାସୀ) ମାଧ୍ୟମରେ ଆଲୋଚନା ସଂପାଦନ କରିଛନ୍ତି। ସ୍ୱେଚ୍ଛାସ୍ୱେୀ ମାନଙ୍କ ସହାୟତାରେ ଏହି ଲୋକ ଅଦାଲତର ସଫଳତା ନିମନ୍ତେ ପ୍ରଚାର ପତ୍ରିକା ବଂଟନ କରାଯାଇଥିଲା ।

## ପିଏମଶ୍ରୀ ବିଦ୍ୟାଳୟର ୪୧ ଅନ୍ତେବାସୀ ପେଟ ବ୍ୟଥାରେ ଆକ୍ରାନ୍ତ

**ବୈପାରିଗୁଡ଼ା:** କୋରାପୁଟଜିଲ୍ଲା ବୈପାରିଗୁଡ଼ା ବ୍ଲକର ଶିରିବେଡା ପିଏମଶ୍ରୀ ବିଦ୍ୟାଳୟ ହଷ୍ଟେଲର ୩୫ ଜଣ ଅନ୍ତେବାସୀ ପେଟ ବ୍ୟଥାରେ ଆକ୍ରାନ୍ତ ହୋଇଥିବାରୁ ବୈପାରିଗୁଡ଼ା ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

**୩୫ ଜଣ ଡାକ୍ତରଖାନାରେ ଭର୍ତ୍ତି**

ସୂଚନା ଅନୁଯାୟୀ, ହଷ୍ଟେଲ ଅନ୍ତେବାସୀ ରାତ୍ରି ଭୋଜନ ପରେ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ସାଢେ ୯ଟା ବେଳେ କିଛି ପିଲା ପେଟ ବ୍ୟଥା ହେଉଥିବା ରୋଷେୟାଙ୍କୁ ଜଣେଇ ଥିଲେ। କ୍ରମଶଃ ହଷ୍ଟେଲର ଅଧିକାଂଶ ପିଲା ପେଟ ବ୍ୟଥା ହେଉଥିବା ଜଣେଇବା ପରେ ପ୍ରଧାନ ଶିକ୍ଷକ କୁଳମଣି ଜେନା ତିନୋଟି ବୋଲେରୋ ଗାଡ଼ିରେ ୩୫ ଜଣ ଅନ୍ତେବାସୀଙ୍କୁ ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ବୈପାରିଗୁଡ଼ା ଏବଂ ରାମଗିରି ଡ଼ାକ୍ତରୀ ଦଳ ଶିରିବେଡା ପିଏମଶ୍ରୀ ବିଦ୍ୟାଳୟର ହଷ୍ଟେଲରେ ପହଞ୍ଚି ବାକି ୬ ଜଣ ପିଲାଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଜଣାପଡିଛି। ଏସଂପର୍କରେ ଡାକ୍ତରଙ୍କୁ ପଚାରିବାରୁ ପରୀକ୍ଷା ପରେ ହିଁ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପ୍ରକାଶ କରିଥିଲେ।




## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲାରେ ଚଢ଼ଉ

**ଭୁବନେଶ୍ୱର:** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଚଢ଼ାଉ କରାଯାଇଛି । ରାଜ୍ୟରେ ପନିପରିବା ଦରବୃଦ୍ଧି ନିୟନ୍ତ୍ରଣ କରିବା ଏବଂ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ପାଇଁ ଯାଂଚ କଡାକଡି କରାଯାଇଛି । ରାଜ୍ୟରେ ଗତ କିଛିଦିନ ଧରି ପନିପରିବା ଦରବୃଦ୍ଧି ହେଉଥିବା ଅଭିଯୋଗକୁ ଭିତ୍ତିକରି ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂଙ୍କ ନିର୍ଦ୍ଦେଶ କ୍ରମେ, ପନିପରିବାର ଦରବୃଦ୍ଧିକୁ ରୋକିବା ପାଇଁ ବିଭାଗର ବିପଣୀ ଗୁପ୍ତବାର୍ତ୍ତା କ୍ଷେତ୍ର କର୍ମଚାରୀ ମାନଙ୍କ ଦ୍ୱାରା ରାଜ୍ୟର ପ୍ରମୁଖବଜାରରେ ଯାଂଚ କରଯାଇଥିଲା । ଚଳିତ ବର୍ଷ ରାଜ୍ୟର ଅନେକ ସ୍ଥାନରେ ଅଦିନିଆ ବର୍ଷା ଯୋଗୁଁ ସ୍ଥାନୀୟ ଋତୁକାଳୀନ ଫସଲ ନଷ୍ଟ ହୋଇଥବାରୁ ଏବଂ ଚାହିଦା ପାଇଁ ଝାଡଖଣ୍ଡ , ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ତଥା କର୍ଣ୍ଣାଟକ ଭଳି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବା ଦୃଷ୍ଟିରୁ ଗତ କିଛିଦିନ ରାଜ୍ୟରେ ଦରଦାମ ବୃଦ୍ଧି ଲକ୍ଷ୍ୟ କରାଯାଇଛି । ମାତ୍ର ବଜାରକୁ ସ୍ଥାନୀୟ ଫସଲର କିଛି ମାତ୍ରାରେ ଆମଦାନୀ ହେଉ ଥିବାରୁ ବର୍ତ୍ତମାନ ବଜାରରେ ପନିପରିବାର ସାମାନ୍ୟ ଦର ହ୍ରାସ ଘଟୁଅଛି । ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସ୍ଥାନୀୟ ଋତୁକାଳୀନ ଫସଲ ବହୁଳ ମାତ୍ରାରେ ବଜାରକୁ ଆସିବାର ସମ୍ଭାବନା ଥିବାରୁ ପନିପରିବା ଦର ହ୍ରାସ ଘଟିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି । ଏପରିକି ଯୋଗାଣ ଶୃଙ୍ଖଳ ନିରବଚ୍ଛିନ୍ନ ଥିବା ଏବଂ ଉଚିତ ମୂଲ୍ୟରେ ଖାଉଟି ମାନେ ପନିପରିବା ପାଇବା ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି ।

**ପନିପରିବା ଦରବୃଦ୍ଧି ନିୟନ୍ତ୍ରଣ ଏବଂ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ**

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଏଡ୍ସ ଦିବସ




**ବାଲେଶ୍ୱର(ମାନିସ):** ବିଶ୍ୱ ଏଡ୍ସ ଦିବସ-୨୦୨୫ ଉପଲକ୍ଷେ ସୋମବାର ପୂର୍ବାହ୍ନରେ ଜିଲ୍ଲା ଏଡ୍ସ ନିୟନ୍ତ୍ରଣ ଓ ପ୍ରତିକାର ୟୁନିଟ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ସଚେତନତା ଶୋଭାଯାତ୍ରା ଓ ସାଧାରଣ ସଭା ଆୟୋଜିତ ହୋଇଯାଇଛି ।ଏହି ଅବସରରେ ଚିକିତ୍ସାଳୟ ପରିସର ରେ ରଙ୍ଗୋଲି, ହ୍ୟୁମାନ ଚେନ୍, କୁଇଜ୍ ପ୍ରତିଯୋଗିତା,ଦସ୍ତଖତ ଅଭିଯାନ ଆଦି ସଚେତନତା, ଶୋଭାଯାତ୍ରା ଏବଂ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଫିତା କାଟି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ।

ପରେ ମୁଖ୍ୟ ଚିକିତ୍ସାଳୟ ର ସମ୍ମିଳନୀ କକ୍ଷରେ ସାଧାରଣ ସଭା ରେ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଡାକ୍ତୁ ଅଧିକାରୀ ଡାକ୍ତର ଦୁଲାଲ ସେନ ଜଗଦେବ, ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ଯୋଗଦେଇ ଏଡ୍ସ ନିୟନ୍ତ୍ରଣ ଓ ପ୍ରତିକାର ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ବାପା ଦାଦନ ଖଟିବାକୁ ଯାଇଥିବା ବେଳେ ନିଖୋଜ ୨ ପୁଅ ଝିଅଙ୍କ ସନ୍ଧାନ

**ବର୍ତ୍ତମାନ ଝିଅ ଇନ୍ଦ୍ରାବତୀ ୧୯ ବର୍ଷ ଓ ପୁଅ ୧୫ ବର୍ଷ ହେଉଛି ସେଠାରେ ରହୁଥିବା ଖବର କୋରାପୁଟ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କୁ ଖବର ପାଇବା ପରେ ସମ୍ପର୍କୀୟଙ୍କ ଖବର ସତ୍ୟତା ଜାଣିବା ପାଇଁ ଜିଲ୍ଲା ଟିମ ଆସି ଗାଁରେ ପହଞ୍ଚିଥିଲେ । ଏବେ ମାଆ ପାଗଳ ରହିଥିବା ବେଳେ ବାପା ନିଶା ଶକ୍ତ ଅବସ୍ଥାରେ ପାଗଳ ହୋଇ ନିଜ ଗାଁ ଛାଡି ନିଳାବାଡି ପଞ୍ଚାୟତର ସବଡମ ଗ୍ରାମରେ ରହୁଛନ୍ତି ।**

ବନ୍ଧୁଗାଁ: କୋରାପୁଟଜିଲ୍ଲା ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ପଞ୍ଚାୟତ ଉପର ଜାମୁଗୁଡା ଗ୍ରାମର ୨୦୧୫ ମସିହାରେ ସାମୀ ସ୍ତ୍ରୀ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବା ବେଳେ ନିଖୋଜ ଦୁଇ ଛୋଟ ଛୋଟ ପୁଅ ଝିଅଙ୍କ ସନ୍ଧାନ ମିଳିଛି। ସୂଚନା ଅନୁଯାୟୀ ଗରିବ ଦାଲେୟା କୁଲେସିକା ସବୁ ବେଳେ ନିଶାସକ୍ତ ହୋଇ ସ୍ତ୍ରୀ ପୋଲା କୁଲେଶିକାଙ୍କ ଗଣ୍ଡଗଳ କରି ଅଶାନ୍ତି ମଧ୍ୟରେ ରହି ଆସୁଥିଲେ।

ନିଜର ୪ ଜଣ ସନ୍ତାନ ରଜାବତି କୁଲେଶିକା (ଝିଅ) ୧୪ ବର୍ଷ, କଳାବତି କୁଲେଶିକା (ଝିଅ ) ୧୨, ଇନ୍ଦ୍ରାବତୀ କୁଲେଶିକା (ଝିଅ) ୯ ବର୍ଷ ଓ ଝାଡେସ୍ୱର କୁଲେସିକା ୭ ବର୍ଷ ରହି ଥିଲେ। ଅଶାନ୍ତି ମଧ୍ୟରେ ଥିବା ସ୍ତ୍ରୀ ପୋଲା କୁଲେଶିକା ନିଜର ସାମୀ ଓ ଝିଅ ପୁଅକୁ ଛାଡି ଦାଦନ ଖଟିବାକୁ ଆଜକୁ ଦଶ ବର୍ଷ ତଳେ ତାମିଲନାଡୁ କୁ ଚାଲିଯାଇଥିଲେ।

ସ୍ତ୍ରୀ ଦାଦନ ଖଟିବାର ୨ ମାସ ପରେ ସାମୀ କୁ ସ୍ଥାନୀୟ ଲୋକକୁ ଖବର ଦେଇ ପୁଅ ଝିଅଙ୍କୁ ସାଥିରେ ନେଇ ଆସିବାକୁ କହିଥିଲେ। ସ୍ତ୍ରୀ ଖବର ଶୁଣିବା ପରେ ସାମୀ ଦାଲେୟା ପୁଅ ଝିଅଙ୍କୁ ଏକାଠି କରି ସ୍ତ୍ରୀ ପାଖକୁ ଯାଉଥିବା ବେଳେ ଦୁଇ ଜଣ ବଡ ଝିଅ ଭୟରେ ଲୁଚି ଯାଇ ଥିଲେ। ସାମୀ ଦାଲେୟା ନିଜର ଛୋଟ ଝିଅ ଇନ୍ଦ୍ରାବତୀ ଓ ପୁଅ ଝଡେଶ୍ୱରଙ୍କୁ ନେଇ ସ୍ତ୍ରୀଙ୍କ ପାଖକୁ ଯିବା ପାଇଁ ବାହାରି ଥିଲେ।



ସେମାନେ ତାମିଲନାଡୁ ପହଞ୍ଚିବା ପରେ ଦାଦନ ଖଟୁଥିବା ସ୍ତ୍ରୀଙ୍କୁ ସଠିକ ସୂଚନା ନ ଥାଇ ଚାଲି ଚାଲି ଖୋଜି ବୁଲୁ ଥିଲେ। ସେଠାରେ ସାମୀ ସ୍ତ୍ରୀଙ୍କର ସନ୍ଧାନ ପାଇ ପାରିଲେ ନାହିଁ। କୌଣସି କାରଣରୁ ସେଠାରେ ଦାଲେୟା ଙ୍କୁ ମାଡ ହୋଇ ଥିଲା, ସେ ସେଠାରୁ ଝିଅ ଓ ପୁଅକୁ ଛାଡ଼ି ନିଜ ଗାଁକୁ ଫେରି ଆସିଥିଲେ।

ସେହି ଦିନରୁ ଦୁଇ ଜଣ ଶିଶୁଙ୍କର କୌଣସି ଖୋଜ ଖବର ଜଣା ପଡ଼ି ନ ଥିଲା। ବାପା ଛାଡ଼ି ଆସିବା ପରେ ଏକ ଛୋଟିଆ ମୁଣା ତ୍ରେ ବାପାଙ୍କ ଭୋଟ ଫୋଟ ଓ ଆଧାର କାର୍ଡ ଥିଲା ଝିଅ ତାହାକୁ ଯତ୍ନର ସହିତ ପାଖରେ ରଖି ଥିଲେ। ସେଠାରେ କିଛି ସ୍ୱେଚ୍ଛାସେବୀ ଦୁଇ ଜଣ ଶିଶୁଙ୍କୁ ଉଦ୍ଧାର କରି ତାମିଲନାଡୁ ରାଜ୍ୟର କୁଇମବଟୁର ସହରରେ ଥିବା ସରକାରୀ ଶିଶୁ ସୁରକ୍ଷା କେନ୍ଦ୍ର କୁ ନେଇ ଛାଡ଼ି ଦେଇ ଥିଲେ।

ବର୍ତ୍ତମାନ ଝିଅ ଇନ୍ଦ୍ରାବତୀ ୧୯ ବର୍ଷ ଓ ପୁଅ ୧୫ ବର୍ଷ ହେଉଛି ସେଠାରେ ରହୁଥିବା ଖବର କୋରାପୁଟ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କୁ ଖବର ପାଇବା ପରେ ସମ୍ପର୍କୀୟଙ୍କ ଖବର ସତ୍ୟତା ଜାଣିବା ପାଇଁ ଜିଲ୍ଲା ଟିମ ଆସି ଗାଁରେ ପହଞ୍ଚିଥିଲେ। ଏବେ ମାଆ ପାଗଳ ରହିଥିବା ବେଳେ ବାପା ନିଶା ଶକ୍ତ ଅବସ୍ଥାରେ ପାଗଳ ହୋଇ ନିଜ ଗାଁ ଛାଡି ନିଳାବାଡି ପଞ୍ଚାୟତର ସବଡମ ଗ୍ରାମରେ ରହୁଛନ୍ତି।

## ୭ରେ ପଲାଶ-ସ୍ମୃତିଙ୍କ ବିବାହ !

**ନୂଆଦିଲ୍ଲୀ, ୨।୧୨:** ଗୁଡ୍ ନ୍ୟୁଜ୍..ଗୁଡ୍ ନ୍ୟୁଜ୍..ଗୁଡ୍ ନ୍ୟୁଜ୍ । ଶେଷରେ ମିଶିଲା ମନ । ଏକାଠି ହେବେ ଲଭବାର୍ଡ । ଫ୍ୟାନ୍ସଙ୍କୁ ଏମିତି ଗୁଡ୍ ନ୍ୟୁଜ୍ ଦେଇଛନ୍ତି ଗାୟକ ପଲାଶ ମୁଛଲ । ଖୁବ୍ ଶୀଘ୍ର ସେ କ୍ରିକେଟର ସ୍ମୃତି ମନ୍ଧାନା ବିବାହ କରିବେ । ଗାୟକ ବିବାହ ତାରିଖ ବି ସେୟାର କରିଛନ୍ତି । ଏଥର କିନ୍ତୁ ପଲାଶ ଓ ସ୍ମୃତିଙ୍କ ବିବାହରେ କେବଳ ନିକଟତର ଲୋକମାନେ ସାମିଲ ହେବେ । ଗାୟକ-ଫିଲ୍ମ ନିର୍ମାତା ପଲାଶ ମୁଛଲ ଓ କ୍ରିକେଟର ସ୍ମୃତି ମନ୍ଧାନା । ଏବେ ସେମାନେ ଚର୍ଚ୍ଚିତ ଚେହେରା । କାରଣ ନଭେମ୍ବର ୨୩ ତାରିଖରେ କରିବାର ଥିଲା ବିବାହ । କିନ୍ତୁ, ସ୍ମୃତିଙ୍କ ପିତାଙ୍କ ହଠାତ୍ ଅସୁସ୍ଥତା ଯୋଗୁଁ, ବିବାହକୁ ସ୍ଥଗିତ ରଖିବାକୁ ପଡ଼ିଥିଲା । ବିବାହ ସ୍ଥଗିତ ହେବାର ଆଠ ଦିନ ପରେ, ପଲାଶ ତାଙ୍କ ପ୍ରଶଂସକମାନଙ୍କ ସହିତ କିଛି ଭଲ ଖବର ସେୟାର କରିଛନ୍ତି । ଗଣମାଧ୍ୟମ ସହ କଥା ହୋଇ ସେ କହିଛନ୍ତି 'ସ୍ମୃତି ଓ ମୁଁ ଏହି ରବିବାର, ଅର୍ଥାତ୍ ଡିସେମ୍ବର ୭ ତାରିଖରେ ବିବାହ କରିବାକୁ ଯାଉଛୁ ।' ପଲାଶ କହିଛନ୍ତି, 'ଆମେ ରବିବାର ବିବାହ କରିବାକୁ ଯାଉଛୁ । ଯେଉଁଥିରେ କେବଳ ନିକଟତର ବନ୍ଧୁମାନେ ଉପସ୍ଥିତ ରହିବେ । ଗାୟକ ପ୍ରକାଶ କରିଛନ୍ତି ଯେ ବିବାହ ମହାରାଷ୍ଟ୍ରର ସାଙ୍ଗଲିରେ ହେବ । ବିବାହ ପୂର୍ବରୁ ଉତ୍ସବ ଆରମ୍ଭ ହୋଇସାରିଛି । ସ୍ମୃତି ଏବଂ ପଲାଶଙ୍କ ବିବାହ ପାଇଁ ଉଭୟ ପରିବାରରେ ଉତ୍ସବ ଆରମ୍ଭ ହୋଇସାରିଛି ।



# ସିଲେକ୍ଟରଙ୍କ ସହ କଥା ହେଲେ କୋହଲି

**ରାଞ୍ଚି, ୨।୧୨:** ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ବିରାଟ କୋହଲି ଶତକ କରି ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି । ବିଶେଷ କରି ଟିମ୍ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ଜବାବ ଦେଇଛନ୍ତି କୋହଲି । ଏହା ପରେ ପୁଣି ଥରେ ଦୁଇ

**ଗମ୍ଭୀରଙ୍କଠାରୁ ଦୂରେଇ ରହିଲେ !**

**ସ୍ପଷ୍ଟ ନଜର ଆସିଲା ବିବାଦ**

ଜଣଙ୍କ ମଧ୍ୟରେ ସଂପର୍କରେ ତିକ୍ତତା ଆସିଥିବା କୁହାଯାଉଛି । ପ୍ରଥମ ଦିନିକିଆରେ ବ୍ୟାଟିଂ ସାରି ପାଭିଲିଅନ୍ ଫେରିବା ପରେ ଗମ୍ଭୀରଙ୍କ ଆଡ଼କୁ କୋହଲି ଦେଖୁନଥିଲେ । ଏବେ ରାଞ୍ଚିରୁ ରାଇପୁର ଯିବା ସମୟରେ ଗମ୍ଭୀରଙ୍କ ସହ କୋହଲି କଥା ହୋଇ ନାହାନ୍ତି । କିନ୍ତୁ କୋହଲି ସିଲେକ୍ଟର ପ୍ରଜ୍ଞାନ ଓଝାଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରୁଥିବା ଦେଖିବାକୁ ମିଳିଛି । ସେପଟେ ରୋହିତ ଶର୍ମା ନିଜ ବନ୍ଧୁ ପ୍ରଜ୍ଞାନ ଓଝା ଏବଂ ହେଡ କୋଚ୍ ଗମ୍ଭୀରଙ୍କ ସହ ହସି ହସି କଥା ହେଉଥିବା ନେଇ ଭାଇରାଲ ଭିଡିଓରେ ଦେଖାଯାଉଛି ।

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ପାଇଁ ବିରାଟ କୋହଲି ରାଞ୍ଚିରୁ ରାୟପୁର



ଯାତ୍ରା କରୁଥିବାର ଏକ ଭିଡିଓ ଭାଇରାଲ ହେଉଛି । ଏଥିରେ ବିରାଟ କୋହଲି ବିମାନ ବନ୍ଦରରେ ବିସିସିଆଇ ଚୟନକର୍ତ୍ତା ପ୍ରଜ୍ଞାନ ଓଝାଙ୍କ ସହ କଥା ହେଉଥିବାର ଦେଖାଯାଉଛି । ଏହି ଭିଡିଓ ଭାଇରାଲ ହେଉଛି, କାରଣ ବିରାଟ ଏବଂ ରୋହିତ ଶର୍ମା ବିଜୟ ହଜାରେ ଟ୍ରଫିରେ ଖେଳିବା ନେଇ ଚର୍ଚ୍ଚା ହେଉଛି । ଉଭୟ ଅଭିଜ୍ଞ ଖେଳାଳି ୨୦୨୭ ବିଶ୍ୱକପରେ ଖେଳିବାକୁ ଚାହୁଁଛନ୍ତି । କିନ୍ତୁ ଅନେକ ରିପୋର୍ଟରୁ ଜଣାପଡିଛି ଯେ, ସେମାନେ ବିଶ୍ୱକପ ଟିମରେ ରହିବେ ବୋଲି ସେମାନଙ୍କୁ ଏପର୍ଯ୍ୟନ୍ତ କୌଣସି ପ୍ରତିଶ୍ରୁତି ଦିଆଯାଇ ନାହିଁ ।

ବିରାଟ କୋହଲି ଏବଂ ଚୟନକର୍ତ୍ତା ପ୍ରଜ୍ଞାନ ଓଝା ଗମ୍ଭୀରଙ୍କ ସହ କଥାବାର୍ତ୍ତା କରୁଥିବାର ଦେଖାଯାଉଛି । ସେହି ସମୟରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ୪-୫ଟି ସିଟ୍ ଦୂରରେ ବସିଛନ୍ତି । ଅନ୍ୟ ଏକ ଭିଡିଓରେ ପ୍ରଜ୍ଞାନ ଗମ୍ଭୀରଙ୍କ ସହ ବସିଥିବା ଦେଖାଯାଉଛି, କିନ୍ତୁ କୋହଲି ତାଙ୍କଠାରୁ ଦୂରରେ ବସିଛନ୍ତି । ଏହି ସମୟରେ ରୋହିତ ଶର୍ମା, ପ୍ରଜ୍ଞାନ ଏବଂ ଗମ୍ଭୀରଙ୍କ ସହ ହସି ହସି କଥା ହେଉଛନ୍ତି । ସେପଟେ ରାଞ୍ଚି ଦିନିକିଆ ପୂର୍ବରୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ନେଟ୍ସ ସମୟରେ ବିରାଟ କୋହଲିଙ୍କ ସହ କଥା ହୋଇନଥିଲେ ବୋଲି ଖବର ଆସିଛି । ଏହାରି ମଧ୍ୟରେ ଏହି ଭିଡିଓ ଭାରତୀୟ ଦଳରେ କିଛି ଭଲ ଚାଲିନଥିବା ଦର୍ଶାଉଛି ।

ବିଶ୍ୱକପ ୨୦୨୭ରେ ଖେଳିବାକୁ ଇଚ୍ଛା ରଖିଥିବା ବିରାଟ କୋହଲି ଏବଂ ରୋହିତ ଶର୍ମା ଲାଗାତାର ଭଲ ପ୍ରଦର୍ଶନ କରୁଛନ୍ତି । ଓଡିଆଇରେ ଲଗାତାର ଦୁଇଟି ଶତକୀୟ ଭାଗୀଦାରି କରିଛନ୍ତି ଦୁଇ ଭେଟରାନ । ରାଞ୍ଚି ପୂର୍ବରୁ, ସେମାନେ ଅଷ୍ଟ୍ରେଲିଆରେ ତୃତୀୟ ଡଓରେ ଏକ ଶତକୀୟ ଭାଗୀଦାରି କରିଥିଲେ । ରୋହିତ ଶତକ ହାସଲ କରିଥିଲେ ଏବଂ ବିରାଟ ୭୪ ରନ୍ କରି ଅପରାଜିତ ରହିଥିଲେ । ରାଞ୍ଚିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଓଡିଆଇରେ ସେମାନେ ଦ୍ୱିତୀୟ ଓ୍ୱିକେଟ ପାଇଁ ଏକ ଶତକୀୟ ଭାଗୀଦାରି ମଧ୍ୟ କରିଥିଲେ । ଏହି ମ୍ୟାଚ୍‌ରେ ବିରାଟ କୋହଲି ୧୩୫ ଏବଂ ରୋହିତ ୫୭ ରନ କରିଥିଲେ । ଏହି ମ୍ୟାଚ୍ରେ ଟିମ୍ ଇଣ୍ଡିଆ ୩୪୯ ରନର ବିଶାଳ ସ୍କୋର କରିଥିଲା । ପ୍ରଥମ ଦିନିକିଆକୁ ୧୭ ରନରେ ଜିତିବା ପରେ ଭାରତ ତିନି ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି । ଦ୍ୱିତୀୟ ଦିନିକିଆ ବୁଧବାର ରାୟପୁରରେ ଖେଳାଯିବ ।

### ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ଟି-୨୦

# ଲାଲ୍ ମାଟିରେ ଖେଳାଯିବ ମ୍ୟାଚ୍

- ପିଚ୍ ପ୍ରସ୍ତୁତି ଅନୁଧ୍ୟାନ କଲେ ବିସିସିଆଇ କ୍ୟୁରେଟର
- ହାଇସ୍କୋରିଂକୁ ଦୃଷ୍ଟିରେ ରଖି ନିଷ୍ପତ୍ତି

**କଟକ, ୨।୧୨:** ବାରବାଟୀ ଟି-୨୦ ମ୍ୟାଚକୁ ନେଇ ରାଜ୍ୟରେ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ବହୁତ ଉତ୍ସାହ ଦେଖିବାକୁ ମିଳିଛି । ମ୍ୟାଚର ସଫଳ ଆୟୋଜନ ନେଇ ଓସିଏ ପକ୍ଷରୁ ପିଚ୍ଚ ନେଇ ଗ୍ୟାଲେରୀ ସବୁ ପ୍ରକାରର ପ୍ରସ୍ତୁତି ଜୋରସୋରରେ ଚାଲିଛି । ମ୍ୟାଚ୍ ପାଇଁ ଚାରୋଟି ପିଚ୍ ପ୍ରସ୍ତୁତ କରାଯାଇଛି । ତେବେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଟି-୨୦ ମ୍ୟାଚ୍ ରେଡ୍ ପିଚରେ ଖେଳାଯିବ ବୋଲି ମଙ୍ଗଳବାର ସୂଚନା ଦେଇଛନ୍ତି ବାରବାଟୀ ପିଚ୍ କ୍ୟୁରେଟର ।

ଆସନ୍ତା ୯ ତାରିଖରେ ବାରବାଟୀରେ



ହେବାକୁ ଥିବା ଭାରତ -ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ ପାଇଁ ଆଜି ପିଚ୍ ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି ବିସିସିଆଇ କ୍ୟୁରେଟର ଆଶିଷ ଭୌମିକ । ପ୍ରାୟ ଅଢ଼େଇ ଘଣ୍ଟା ଧରି ସେ ପିଚ୍ ପ୍ରସ୍ତୁତି ଅନୁଧ୍ୟାନ କରିବା ସହ ଗ୍ରାଉଣ୍ଡ ଷ୍ଟାଫଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ । କେଉଁ ପିଚରେ ମ୍ୟାଚ୍ ଖେଳାଯିବ ତାର ନିଷ୍ପତ୍ତି ପିଚ୍ କ୍ୟୁରେଟର ହିଁ ନେବେ ବୋଲି ସେ କହିଥିଲେ । ବାରବାଟୀରେ କଳା ଓ ଲାଲ୍ ମାଟିରେ ମୋଟ ୪ଟି ପିଚ୍ ପ୍ରସ୍ତୁତ ହୋଇଛି । ଆଉ ପିଚ୍ କ୍ୟୁରେଟର ଲାଲ ମାଟିରେ ତିଆରି ପିଚ୍ ଉପରେ ଖେଳ ହେବ ବୋଲି କହିଛନ୍ତି ।

ଓସିଏ କ୍ୟୁରେଟର କହିଛନ୍ତି ମ୍ୟାଚ ହାଇସ୍କୋରିଂ ହେବା ପାଇଁ ସବୁ ପଦକ୍ଷେପ ଗ୍ରହଣ କରାଯାଉଛି । କାକରକୁ ଦୃଷ୍ଟିରେ ରଖି ବିହିତ ପଦକ୍ଷେପ ନିଆଯାଉଛି । ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ବିସିସିଆଇ କ୍ୟୁରେଟର ବାରବାଟୀରେ ରହି ପିଚ୍ ପ୍ରସ୍ତୁତି ଅନୁଧ୍ୟାନ କରିବେ । ଲାଲ ମାଟିରେ ପ୍ରସ୍ତୁତ ପିଚରେ ଖେଳାଗଲେ ମ୍ୟାଚ୍ ହାଇସ୍କୋରିଂ ରହିଥାଏ । ତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବେ ଲାଲ୍ ମାଟିରେ ପିଚ୍ ପ୍ରସ୍ତୁତ କରାଯାଇଛି ।

ସୂଚନାଯୋଗ୍ୟ, ବାରବାଟୀ ମ୍ୟାଚ୍ ପାଇଁ ମାତ୍ର ୩୫ ମିନିଟରେ ଅନଲାଇନରେ ଉପଲବ୍ଧ ୨ ହଜାର ଟିକେଟ୍ ଗତକାଲି ଶେଷ ହୋଇଛି । ଡିସେମ୍ବର ୫ ତାରିଖରେ ଷ୍ଟାଡିୟମର କାଉଣ୍ଟରରେ ୧୦ ହାଜର ଟିକେଟ୍ ବିକ୍ରି କରାଯିବ । ଉଲ୍ଲେଖନୀୟ ଦିନିକିଆ ସିରିଜ୍ ପରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ । ସିରିଜର ପ୍ରଥମ ମ୍ୟାଚ୍ ଡିସେମ୍ବର ୯ରେ କଟକ ସ୍ଥିତ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ।

## ରାମଚନ୍ଦ୍ର ଦାଶ ସ୍ମାରକୀ ଜାତୀୟ କ୍ରିକେଟ ପାଇଁ ପ୍ରସ୍ତୁତି

**ଧାମନଗର, ୨।୧୨(ମାନିସ):** ଧାମନଗର ବ୍ଲକ ଅନ୍ତର୍ଗତ ଆନନ୍ଦପୁର ହାଇସ୍କୁଲ ପଡ଼ିଆରେ ହେବାକୁ ଥିବା ଅନ୍ତରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି । ଜାନୁଆରି ଶେଷ ଓ ଫେବ୍ରୁଆରି ପ୍ରଥମ ସପ୍ତାହରେ ଭଗବତୀ ଯୁବକ ସଂଘ ଓ ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ଆନୁକୂଲ୍ୟରେ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଏଥର ରାଜ୍ୟ ତଥା ରାଜ୍ୟ ବାହାରୁ ୮ଟି ଟିମ୍ ଅଂଶଗ୍ରହଣ କରିବେ । ପ୍ରଥମ ଚାରିଦିନ କ୍ୱାର୍ଟର ଫାଇନାଲ ଖେଳାଯିବ । ତା ପରେ ୨ ଦିନ ସେମିଫାଇନାଲ ଓ ଶେଷରେ ଫାଇନାଲ୍ ଖେଳାଯିବ । ବାହାର ରାଜ୍ୟରୁ ଆସିବାକୁ ଥିବା ଖେଳାଳିଙ୍କ ରହିବା, ଖାଇବା ପିଇବା ବ୍ୟବସ୍ଥା ଆୟୋଜକ ବହନ କରିବେ । ବିଜୟୀ ଟିମ୍ ପାଇଁ ଆକର୍ଷଣୀୟ ପୁରସ୍କାର ବ୍ୟବସ୍ଥା ହୋଇଥିବା ରାମଚନ୍ଦ୍ର ଦାଶ ସ୍ମୃତି ସଂସଦର କାର୍ଯ୍ୟକର୍ତ୍ତା ବୃନ୍ଦାବନ ମହାନ୍ତି କହିଛନ୍ତି । ଆୟୋଜିତ ବୈଠକରେ ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ, ଶିକ୍ଷକ ମାନସ ମିଶ୍ର, ଅରୁଣ କୁମାର ପରିଡ଼ା, ସମାଜସେବୀ ନାରାୟଣ ଦାସ, ନଗେନ ସୂତାର, ଦାମୋଦର ପଣ୍ଡା, ହିମାଂଶୁ ଭୂଷଣ ଦାଶ, ତ୍ରିଲୋଚନ ବେହେରା, ମାନଗୋବିନ୍ଦ ଦାସ, ସରୋଜ ଦାସ, ମଦନମୋହନ ପାଣିଗ୍ରାହୀ, ବାସୁଦେବ ପାଗଳ, ହରିହର ପାଗଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଭର୍ଷ୍ଟାପେନ ଜିତିଲେ କତାର ଗ୍ରାଁପ୍ରି

**ଦୋହା, ୨।୧୨:** ଚଳିତ ବର୍ଷ ଫର୍ମୁଲା ୱାନ୍ ସିଜନ ବେଶ୍ ରୋମାଞ୍ଚକର ରହିଛି । ୨୩ଟି ରେସ୍ ଶେଷ ହୋଇ ସାରିଥିଲେ ହେଁ ଏପର୍ଯ୍ୟନ୍ତ ଟାଇଟଲ ବିଜେତା ଚୂଡ଼ାନ୍ତ ହୋଇପାରି ନାହାନ୍ତି । ମ୍ୟାକଲରେନ ଡ୍ରାଇଭର ଲାଣ୍ଡୋ ନରିସ ସର୍ବାଧିକ ପଏଣ୍ଟ ଅର୍ଜନ କରିଥିଲେ ହେଁ ରେଡବୁଲ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ ଅନ୍ୟତମ ଟାଇଟଲ ଦାବିଦର ରୂପେ ଉଭା ହୋଇଛନ୍ତି । ଉଭୟଙ୍କ ମଧ୍ୟରେ ମାତ୍ର ୧୨ ପଏଣ୍ଟର ବ୍ୟବଧାନ ରହିଛି । ଆଗକୁ ରହିଛି ମାତ୍ର ଗୋଟିଏ ରେସ୍ ଓ ସର୍ବାଧିକ ୨୫ ପଏଣ୍ଟ । ଭର୍ଷ୍ଟାପେନ କ୍ରମାନ୍ୱୟରେ ଲାସ ଭେଗାସ ଓ କତାର ଗ୍ରାଁପ୍ରି ଜିତିବା ଫଳରେ ପ୍ରମୁଖ ଟାଇଟଲ ଦାବିଦାର ରୂପେ ଉଭା ହୋଇଛନ୍ତି । ୨୧ଟି ରେସ ଶେଷ ସୁଦ୍ଧା ନରିସ୍ ଓ ତାଙ୍କ ସାଥୀ ଡ୍ରାଇଭର ଓସ୍କା ପିୟାଷ୍ଟ୍ରୀ ପଏଣ୍ଟ ତାଲିକାର ପ୍ରଥମ ୨ଟି ସ୍ଥାନ ବଜାୟ ରଖିଥିଲେ । କତାରରେ ଭର୍ଷ୍ଟାପେନ ଚାମ୍ପିଅନ ହୋଇଥିଲେ ଓ ନରିସ ଚତୁର୍ଥ ସ୍ଥାନ ଦଖଲ କରିଥିଲେ । ଭର୍ଷ୍ଟାପେନ ୧ଘଣ୍ଟା ୨୪ ମିନିଟ୍ ୩୮.୨୪୧ ସେକେଣ୍ଡରେ ରେସ ଶେଷ କରିଥିଲେ । ପିୟାଷ୍ଟ୍ରୀ ଅତିରିକ୍ତ ୭.୯୯୫ ସେକେଣ୍ଡରେ ରେସ୍ ଶେଷ କରି ଦ୍ୱିତୀୟ, ୱିଲିୟମ୍ସ ଡ୍ରାଇଭର କାର୍ଲୋସ ସେଞ୍ଜ +୨୨.୬୬୫ ସେକେଣ୍ଡ ଅଧିକ ସମୟ ନେଇ ରେସ ଶେଷ କରି ତୃତୀୟ ସ୍ଥାନରେ ରହିଥିଲେ । ଏହି ରେସରୁ ଭର୍ଷ୍ଟାପେନ୍ ୨୫ ପଏଣ୍ଟ ଅର୍ଜନ କରିଥିବାବେଳେ ପିୟାଷ୍ଟ୍ରୀ ୧୮, ସେଞ୍ଜ ୧୫ ଓ ନରିସ ୧୨ ପଏଣ୍ଟ ପାଇଥିଲେ । ୨୩ଟି ରେସ୍‌ରୁ ନରିସ ମୋଟ୍ ୪୦୮ ପଏଣ୍ଟ ଅର୍ଜନ କରିଥିବାବେଳେ ଭର୍ଷ୍ଟାପେନ୍ ୩୯୬, ପିୟାଷ୍ଟ୍ରୀ ୩୯୨ ଓ ମର୍ସିଡିସ୍ ଡ୍ରାଇଭର ଗ୍ରେଗ ରସେଲ ୩୦୯ ପଏଣ୍ଟ ପରବର୍ତ୍ତୀ ସ୍ଥାନରେ ରହିଛନ୍ତି ।




### ଆନ୍ତଃବିଦ୍ୟାଳୟସ୍ତରୀୟ କବାଡ଼ି ପ୍ରତିଯୋଗିତା

## ତୃତୀୟଥର ଚାମ୍ପିୟନ ହେଲା ନ୍ୟାସନାଲ୍ କଲେଜ ନୂଆପଡ଼ା

**ନୂଆପଡ଼ା, ୨।୧୨ (ମାନିସ):** ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡି ଆନୁକୁଲ୍ୟରେ ଆୟୋଜିତ ଆନ୍ତଃମହାବିଦ୍ୟାଳୟ ସ୍ତରୀୟ କବାଡ଼ି ପୁରୁଷ ବିଭାଗରେ ମୋଟ୍ ୧୭ଗୋଟି ଦଳ ଭାଗ ନେଇ ଥିଲେ, ନେସନାଲ କଲେଜ ନୂଆପଡା କ୍ରମାଗତ ଭାବେ ତୃତୀୟ ଥର ଚାମ୍ପିଅନ ହୋଇଥିଲେ, ଫାଇନାଲ ରେ ଆୟୋଜକ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁ ପରାସ୍ତ କରିଥିଲେ । ନେସନାଲ କଲେଜ ନୂଆପଡା ଏହି ପ୍ରତିଯୋଗିତା ପାଇଁ ଜୋରଦାର ପ୍ରସ୍ତୁତି କରିଥିଲେ, ବିଗତ ୧୦ଦିନ ଆଗରୁ କବାଡି ମେଟ୍ ରେ କବାଡି ପ୍ରଶିକ୍ଷକଙ୍କ ସହିତ, କଲେଜ୍ ଅଧ୍ୟକ୍ଷ ଶ୍ରୀ ହିତେଶ କୁମାର ସାହୁଙ୍କ ମାର୍ଗଦର୍ଶନ ରେ ଏବଂ କଲେଜ୍ କ୍ରୀଡ଼ା ଶିକ୍ଷକଙ୍କ ନେତୃତ୍ୱରେ ଦଳ ଜୋରଦାର ପ୍ରସ୍ତୁତି କରିଥିଲେ, ଗତ ୨୯.୧୧.୨୦୨୫ରେ ପ୍ରତିଯୋଗୀତା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡିରେ ଆୟୋଜିତ ହୋଇଥିଲା, ଆଜି ନେସନାଲ କଲେଜ୍ ର ଖେଳାଳି ମାନେ ୧୦ଟା ରେ କଲେଜ୍ ପହଞ୍ଚିବା ପରେ ତାଙ୍କୁ କଲେଜ୍ ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା ଓ ୧୦୦୦ଛାତ୍ର ଛାତ୍ରୀ ଭବ୍ୟ ସାଗତ, ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜଣାଇଥିଲେ, ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା ମାନେ ଖେଳାଳିଙ୍କୁ କ୍ରୀଡ଼ା ଅଧ୍ୟାପକ ଶ୍ରୀ ପ୍ରକାଶ କୁମାର ସାହୁଙ୍କୁ ଉପଢୌକନ ଓ ଫୁଲ ମାଳ ସହିତ ସାଗତ ଅଭିନନ୍ଦନ ସମ୍ବର୍ଦ୍ଧନା ଜଣାଇଥିଲେ, ଖେଳାଳି ମାନେ ହେଲେ ହରିଶ୍ ମାଝୀ, ଗୌରବ ସାହୁ, ବସନ୍ତ ସାହୁ, ଦଶରଥ ରାଉତ, ନରେଶ ମାଝୀ, ଡୋଳାମଣି ମାଝୀ, ନରସିଂହ ମାଝୀ, ଆରୀୟନ୍ ମାଝୀ, ମୁକେଶ ମାଝୀ, ପପ୍ପୁ ଶବର, ଡୀଗେସ ମାଝୀ, କାର୍ତ୍ତିକ ରାଉତ, ଧନରାଜ ଶବର ଓ କୋମଲ ମାଝୀ । ଶେଷରେ ଖେଳାଳୀ ମାନେ ଅଧ୍ୟକ୍ଷାଙ୍କୁ ଟ୍ରଫି ହସ୍ତାନ୍ତର କରିଥିଲେ ।



## ଆଇପିଏଲ୍ ମିନି ଅକ୍ସନ କିଣା ହେବେ ୭୭ ଖେଳାଳି

**ନୂଆଦିଲ୍ଲୀ, ୨।୧୨:** ଆଇପିଏଲ୍ ମିନି ଅକ୍ସନ ଡିସେମ୍ବର ୧୬ରେ ଆବୁ ଧାବିରେ ଆୟୋଜିତ ହେବ । ଦୁବାଇର ଆବୁ ଧାବିରେ ହେବାକୁ ଥିବା ଏହି ନିଲାମ ପାଇଁ ଖେଳାଳିଙ୍କ ଲିଷ୍ଟ ମଧ୍ୟ ଜାରି କରାଯାଇଛି । ଚଳିତ ଥର ମିନି ଅକ୍ସନ ପାଇଁ ୧୩୫୫ ଖେଳାଳି ନିଜ ନାଁ ପଞ୍ଜୀକରଣ କରିଛନ୍ତି । ଏହି

**୧୬ରେ ଆବୁଧାବିରେ ନିଲାମ**

**୧୩୫୫ ଖେଳାଳିଙ୍କ ନାମ ସାମିଲ**

ସୂଚୀରେ ଅନେକ ଭାରତୀୟ ଓ ବିଦେଶୀ ଖେଳାଳି ସାମିଲ ଅଛନ୍ତି । ଚଳିତ ଥର ଆଇପିଏଲର ସମସ୍ତ ୧୦ ଫ୍ରାଞ୍ଚାଇଜ୍ ପାଖରେ ମୋଟ ୭୭ଟି ସ୍ଲଟ୍ ଖାଲି ରହିଛି । ଏଥିରୁ ୩୧ଟି ସ୍ଥାନ ବିଦେଶୀ ଖେଳାଳିଙ୍କ ପାଇଁ ରହିଛି । ରିପୋର୍ଟ ଅନୁସାରେ ନଭେମ୍ବର ୩୦ରେ ରେଜିଷ୍ଟ୍ରେସନ ବନ୍ଦ ହେବା ପରେ ଏହି ଲିଷ୍ଟ ସବୁ ଟିମ୍ ସହ ସେୟାର କରାଯାଇଛି ।

ଏହି ଲିଷ୍ଟରେ ୪୫ ଖେଳାଳି ସବୁଠୁ ଅଧିକ ୨ କୋଟି ଟଙ୍କାର ବେସ୍ ପ୍ରାଇସ୍ ରଖିଛନ୍ତି । ଏହି ଟପ୍ କ୍ୟାଟେଗୋରୀରେ କାମେରନ୍ ଗ୍ରୀନ, ଲିୟାମ ଲିଭିଙ୍ଗଷ୍ଟୋନ, ମଥିଶା ପଥିରାନା ଓ ୱାର୍ନିନ୍ଦୁ ହସରଙ୍ଗା ପରି ବଡ଼ ବିଦେଶୀ ଖେଳାଳିଙ୍କ ନାଁ ରହିଛି । ଭାରତୀୟ ଖେଳାଳିଙ୍କ ମଧ୍ୟରେ ଏହି ଗ୍ରୁପରେ କେବଳ ଭେଙ୍କଟେଶ ଆୟର ଓ ରବି ବିଷ୍ଣୋଇଙ୍କ ନାଁ ରହିଛି ।

ସବୁ ଟିମ୍ ପାଖରେ ମୋଟ ୨୩୭.୫୫ କୋଟି ଟଙ୍କା ରହିଛି । ଅନେକ ଫ୍ରାଞ୍ଚାଇଜ୍ ପାଖରେ ବଡ଼ ଖେଳାଳିଙ୍କ ପାଇଁ ସ୍ଥାନ ଖାଲି ରହିଛି । ଟିମଗୁଡ଼ିକ ଡିସେମ୍ବର ୫ ସୁଦ୍ଧା ନିଜର ସର୍ଟଲିଷ୍ଟ ପଠାଇବେ, ଯାହା ପରେ ଫାଇନାଲ୍ ପ୍ଲେୟର ପୁଲ୍ ପ୍ରସ୍ତୁତ କରାଯିବ । ଚଳିତ ଥର ନିଲାମୀର ସବୁଠୁ ବଡ଼ ନାଁ ଅଷ୍ଟ୍ରେଲିଆ ଅଲରାଉଣ୍ଡର କାମେରନ୍ ଗ୍ରୀନ, ଯିଏ ଗତ ମେଗା ନିଲାମରେ ଆହତ ଯୋଗୁ ସାମିଲ ହୋଇପାରି ନଥିଲେ । ତାଙ୍କ ଉପରେ ଏଥର ଅଧିକ ଟଙ୍କା ବର୍ଷା ହୋଇପାରେ ବୋଲି ଅନୁମାନ କରାଯାଉଛି ।




କେକେଆର୍ ପାଖରେ ୬୪.୩ କୋଟି ଟଙ୍କା ଓ ସିଏସ୍ ?କେ ପାଖରେ ୪୩.୪ କୋଟି ଟଙ୍କାର ବଡ଼ ପର୍ସ ରହିଛି । ଆନ୍ଦ୍ରେ ରସେଲଙ୍କ ଅବସର ପରେ କେକେଆର୍ ଏହି ଅଲରାଉଣ୍ଡର ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିପାରେ । ବିଦେଶୀ ଖେଳାଳିଙ୍କ ବ୍ୟତୀତ ଭାରତର ଅନେକ ଚର୍ଚ୍ଚିତ ନାଁ ମଧ୍ୟ ଏଥର ନିଲାମରେ ନିଜ ଭାଗ୍ୟ ପରୀକ୍ଷା କରିବେ । ଏମାନଙ୍କ ମଧ୍ୟରେ ମୟଙ୍କ ଅଗ୍ରୱାଲ, କେଏସ୍ ଭରତ, ରାହୁଲ ଚହର, ପୃଥ୍ୱୀ ଶ' ଏବଂ ନବଦୀପ ସାଇନଙ୍କ ପରି ମୋଟ ୧୬ ଭାରତୀୟ ଖେଳାଳି ସାମିଲ ଅଛନ୍ତି । ଏଥର ୧୪ ଦେଶର ଅନେକ ଇଣ୍ଟରନ୍ୟାସନାଲ୍ ଖେଳାଳି ଅକ୍ସନରେ ସାମିଲ ହେବେ ।

### କ୍ରିକେଟର ବିଭବ ବୈଭବ

# ଟି-୨୦ରେ ତୃତୀୟ ଶତକ ମାରିଲେ

**ନୂଆଦିଲ୍ଲୀ, ୨।୧୨:** ଭାରତୀୟ କ୍ରିକେଟ ଆକାଶରେ ଧ୍ରୁବତାରା ବୈଭବ ସୂର୍ଯ୍ୟବଂଶୀର ଚମକ ଜାରି ରହିଛି । ବୟସର ଆରମ୍ଭରେ ଗୋଟିଏ ପରେ ଗୋଟିଏ ରେକର୍ଡ କରି ଚାଲିଛନ୍ତି ଏହି ନାବାଳକ ୧୪ ବର୍ଷୀୟ କ୍ରିକେଟର । ମଙ୍ଗଳବାର କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯାଉଥିବା ଘରୋଇ ଟି-୨୦ ଟୁର୍ଣ୍ଣାମେଣ୍ଟ -ସୟଦ ମୁସ୍ତାକ ଅଲି ଟ୍ରଫିରେ ପ୍ରଥମ ଶତକ ମାରି ରେକର୍ଡ ବୁକରେ ନାଁ ଲିପିବଦ୍ଧ କରିଛନ୍ତି ସୂର୍ଯ୍ୟବଂଶୀ ।

ପୃଥ୍ୱୀ ଶହଙ୍କ ନେତୃତ୍ୱରେ ମହାରାଷ୍ଟ୍ର ବିପକ୍ଷରେ ଖେଳୁଥିବା ବୈଭବ ମାତ୍ର ୫୭ ବଲ୍‌ରେ ଶତକ ହାସଲ କରିଛନ୍ତି । ଏହି ଶତକୀୟ ଇନିଂସରେ ୭ଟି ଲେଖାଏ ଛକ୍କା ଓ ଚୌକା ମାରିଥିଲେ । ବିହାର ପକ୍ଷରୁ ବ୍ୟାଟିଂ କରୁଥିବା ବୈଭବ ୬୧ ବଲ୍‌ରେ ୧୦୮ ରନ୍ କରି ନଟ୍‌ଆଉଟ୍ ରହିଥିଲେ । ଫଳରେ ବିହାର ୩ ୱିକେଟ୍ ହରାଇ ୨୦ ଓଭରରେ ୧୭୬ ରନ୍ କରିପାରିଥିଲା ।

ବୈଭବ ତାଙ୍କ କୁନି କାନ୍ଧରେ ଦଳର ଦାୟିତ୍ୱ ନେଇ ଅଧାରୁ ଅଧିକ ସ୍କୋର ଛିଡ଼ା କରିଥିଲେ । ଫଳରେ ବିହାର ଏକ ସମ୍ମାନଜନକ ସ୍କୋର କରିପାରି ଥିଲା । ତେବେ ଟି-୨୦ ଫର୍ମାଟ୍ରେ ବୈଭବ ସୂର୍ଯ୍ୟବଂଶୀ ତାଙ୍କର ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି । ଏହା ପୂର୍ବରୁ ସେ ଏହି ଫର୍ମାଟ୍‌ରେ ୩ଟି ଶତକ ହାସଲ କରି ସାରିଛନ୍ତି । ଏମିତିକି ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳି ସେ ମାତ୍ର ୩୫ ବଲ୍‌ରେ ବି ଶତକ କରିଥିଲେ । ଏସବୁ ରେକର୍ଡ ତାଙ୍କର ୧୫

**୭ ଛକା ଓ ୭ ଚୌକା ସହ ୫୭ ବଲ୍‌ରେ ଶତକ ହାସଲ**

ବର୍ଷ ପୂରା ହେବା ପୂର୍ବରୁ ସେ କରି ଯାଇଛନ୍ତି ।

ତାଙ୍କ ବ୍ୟାଟିଂ ଶୈଳୀରେ ବୈଭବ ଏହା ପ୍ରମାଣିତ କରିଦେଉଛନ୍ତି ଯେ ତାଙ୍କ ପାଖରେ ବିଭିନ୍ନ ଗିୟରରେ ବ୍ୟାଟିଂ କରିପାରିବାର କ୍ଷମତା ରହିଛି । କେବେ ଅର୍ଦ୍ଧଶତକ ହାସଲ କରିବା ପାଇଁ ୩୭ଟା ବଲ୍ ବି ଖେଳିପାରନ୍ତି ତ ଆଉ କେବେ ୧୨ ବଲ୍‌ରେ ବି ଅର୍ଦ୍ଧଶତକ କରିପାରନ୍ତି । ବିହାରର ଟିମ୍ ଓପନର ବିପିନ ସୌରଭ ଏବଂ ନମ୍ବର ୩ରେ ବ୍ୟାଟିଂ ଆସୁଥିବା ପୀୟୁଷ କୁମାର ସିଂହଙ୍କୁ ହରାଇବା ପରେ ଦଳର ଦାୟିତ୍ୱ ଆସିଥିଲା ୧୪ ବର୍ଷୀୟ ସୂର୍ଯ୍ୟବଂଶୀଙ୍କ ଉପରେ । ସୂର୍ଯ୍ୟବଂଶୀ ବ୍ୟାଟିଂ ଆସି ପ୍ରଥମେ ସ୍ଥିତି ସମ୍ଭାଳିଥିଲେ । ପାୱାରପ୍ଲେ ଭିତରେ ଦଳର ସ୍କୋରକୁ ୩୧ରେ ସୀମିତ ରହିବା ସହିତ ଦଳ ୩ ୱିକେଟ ହରାଇ ସାରିଥିଲା । ଏହାପରେ ବୈଭବ ଏବଂ ଆକାଶ ରାଜ ତୃତୀୟ ୱିକେଟ ପାଇଁ ଗୁରୁତ୍ୱପୂର୍ଣ୍ଣ ୭୦ ରନର ପାର୍ଟନର୍ସିପ୍ କରିଥିଲେ । ଫଳରେ ବିହାର ସ୍କୋର ଏକ ସ୍ଥିତିକୁ ଆସିଥିଲା ।

ବୈଭବ ମହାରାଷ୍ଟ୍ରରେ ଟପ୍ ସ୍ପିନର ଭିକି ଓସ୍ତୱାଲ ଏବଂ ଜଲଜ ସକ୍‌ସେନାଙ୍କ ବଲ୍‌କୁ ଯଥେଷ୍ଟ ସତର୍କତାର ସହ ଖେଳିଥିଲେ । କେଉଁ ବୋଲରମାନଙ୍କ ବଲ୍‌ରେ ଶଟ୍ ମାରିବେ ସେ ସ୍ଥିର କରୁଥିଲେ । ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ବଲକୁ ଭଲଭାବରେ ପଢି ଶଟ୍ ଖେଳିବାର କଳା ସେ ବେଶ୍ ପାଇଥିଲେ । ତାଙ୍କର ବୟସ ମାତ୍ର ୧୪ ହୋଇଥିଲେ ବି କ୍ରିକେଟରେ ପରିକପକ୍ୱତା ସ୍ପଷ୍ଟ ବାରି ହୋଇପଡୁଥିଲା ।

ଭାରତର ଏହି କିଶୋର ବ୍ୟାଟର ବର୍ତ୍ତମାନ ଜବରଦସ୍ତ ଫର୍ମାରେ ଅଛନ୍ତି । ନିକଟରେ ଦୋହାରେ ଶେଷ ହୋଇଥିବା ରାଇଜିଂ ଷ୍ଟାର୍ସ ଏସିଆ କପରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ । ଭାରତ ବାଂଲାଦେଶଠାରୁ ସେମିଫାଇନାଲରୁ ବିଦା ହେବା ସତ୍ତ୍ୱେ ବୈଭବ କିନ୍ତୁ ତାଙ୍କର ଜବରଦସ୍ତ ପ୍ରଦର୍ଶନ କରିଥିଲେ । ସେ ଟୁର୍ଣ୍ଣାମେଣ୍ଟରେ ୨୩୯ ରନ୍ କରିଥିଲେ । ଯେଉଁଥିରେ ୟୁଏଇ ବିରୁଦ୍ଧରେ ମାତ୍ର ୩୨ ବଲ୍‌ରେ ଶତକ ବି ସାମିଲ ଥିଲା । ଏଥିରେ ସେ ୫୯.୭୫ ହାର ସହିତ ୨୪୩.୮୭ ଜବରଦସ୍ତ ଷ୍ଟ୍ରାଇକ ରେଟ୍‌ରେ ପ୍ରହାର କରିଥିଲେ ।

ମାତ୍ର ୧୨ ବର୍ଷ ବୟସରେ ରଣଜୀ ଟ୍ରଫିରେ ଡେବ୍ୟୁ କରିଥିବା ବୈଭବ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳି ଚମତ୍କାର ଆଇପିଏଲ୍ ଡେବ୍ୟୁ କରିଥିଲେ । ଯେଉଁଥିରେ ସେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ୩୮ ବଲ୍ ରେ ୧୦୧ ରନ୍ କରିଥିଲେ । ଯାହା ଆଇପିଏଲ୍ ଇତିହାସର ଦ୍ୱିତୀୟ ଦ୍ରୁତତମ ଶତକ । ଟୁର୍ଣ୍ଣାମେଣ୍ଟର ସେ ସବୁଠାରୁ ଯୁବ ଖେଳାଳି ଭାବେ ଶତକୀୟ ଇନିଂସ ଖେଳିଥିଲେ । ଏଥିରେ ବୈଭବ ୨୦୬.୫୫ ଷ୍ଟ୍ରାଇକ୍ ରେଟ୍ ସହିତ ୨୫୨ ରନ୍ କରିଥିଲେ ।



## ଆଇପିଏଲ୍ ନିଲାମରୁ ଓହରିଗଲେ ମ୍ୟାକ୍ସୱେଲ

**ନୂଆଦିଲ୍ଲୀ, ୨।୧୨:** ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ହଠାତ ଆଇପିଏଲ ନିଲାମରୁ ଓହରି ଯାଇଛନ୍ତି । ଆଇପିଏଲ ୨୦୨୬ ମିନି ନିଲାମ ପୂର୍ବରୁ ସେ ଏହି ନିଷ୍ପତି ନେଇଛନ୍ତି । ଡିସେମ୍ବର ୧୬ରେ ଆବୁଧାବିରେ ଏହି ନିଲାମ ପ୍ରକ୍ରିୟା ଆୟୋଜିତ ହେବ । ତାଙ୍କ ପୂର୍ବରୁ ଆନ୍ଦ୍ରେ ରସେଲ ଓ ଫାପ ଡୁ ପ୍ଲେସି ମଧ୍ୟ ଆଇପିଏଲ ନିଲାମରୁ ଓହରି ଯାଇଥିଲେ । ଗ୍ଲେନ ମ୍ୟାକ୍ସୱେଲ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ଆଇପିଏଲରେ ଅନେକ ସ୍ମରଣୀୟ ସିଜନ ମୁଁ କାଟିଛି । ଏଥର ମୁଁ ନିଲାମ ପ୍ରକ୍ରିୟାରେ ସାମିଲ ହେଉନି । ତାଙ୍କ ମେସେଜରୁ ମ୍ୟାକ୍ସୱେଲ ଆଉ ଆଗକୁ ଆଇପିଏଲ ନ ଖେଳିପାରନ୍ତି ବୋଲି ଅନୁମାନ କରାଯାଉଛି । ଭାରତରୁ ମିଳିଥିବା ସ୍ନେହ ଓ ଶ୍ରଦ୍ଧା ମୁଁ କେବେ ହେଲେ ଭୁଲିପାରିବି ନାହିଁ । ଧନ୍ୟବାଦ, ଆଶା କରୁଛି ଖୁବ ଶୀଘ୍ର ପୂନର୍ବାର ଭେଟ ହେବ ।



Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar